ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.299 Bhubaneswar Sunday January 15 2023 | ୨୫ତମ ବର୍ଷ ସଂଖ୍ୟା–୨୯୯ ଭୁବନେଶ୍ୱର, ରବିବାର, ଜାନୁଆରୀ ୧୫, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଗୋପିନାଥପୁର ଟି–ବ୍ରିଜ୍‌ରେ ଦଳାଚକଟା: ଜଣେ ମୃତ, ୨୦ ଗୁରୁତର



ବଡମ୍ବା,୧୪।୧(ପି.ଏନ): କଟକ ଜିଲ୍ଲା ବଡ଼ମ୍ବା ଗୋପିନାଥପୁର ଟି–ବ୍ରିଜ୍‌ରେ ଦଳାଚକଟାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କ ମଧ୍ୟରେ ୪ ମହିଳା ଓ ୩ ଶିଶୁ ଅଛନ୍ତି। ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଡମ୍ବା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ମହିଳା ଜଣଙ୍କ ବଡମ୍ବା ଭୀମସାହି ଆଇଁଶିଆ ଗାଁର ଅଞ୍ଜନା ସ୍ୱାଇଁ (୪୫) ବୋଲି ଜଣାପଡିଛି। ମହାନଦୀ ଉପରେ କିଛି ମାସ ତଳେ ଏହି ବ୍ରିଜ୍ ଲୋକାର୍ପିତ ହୋଇଥିଲା। ବୈଦେଶ୍ୱର ଓ ଗୋପୀନାଥକୁ ସଂଯୋଗ କରୁଥିବା ଏହି ବ୍ରିଜ୍ ଯୋଗେ ଲୋକେ ସିଂହନାଥ ପୀଠକୁ ସୁବିଧାରେ ଆସିପାରୁଛନ୍ତି। ସେଥିପାଇଁ ଆଜି ମକର ମେଳା ଅବସରରେ ଏଠାରେ ସରକାରୀ ତଥ୍ୟ ଅନୁସାରେ ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ବ୍ରିଜ୍‌ର ଗୋଟିଏ ପାର୍ଶ୍ୱରେ ଲୋକେ ଚାଲି ଚାଲି ଯା'ଆସ କରୁଥିବା ବେଳେ ଅନ୍ୟପଟେ ଗାଡିମୋଟର ଯାତାୟତ କରୁଥିଲା। ହେଲେ ଆବଶ୍ୟକ ପୁଲିସ ଓ ଟ୍ରାଫିକ୍ ଶୃଙ୍ଖଳା ବ୍ୟବସ୍ଥା ନ ଥିବାରୁ ଅପରାହ୍ଣରେ ହଠାତ୍ ବ୍ରିଜ୍ ଜାମ୍ ହୋଇ ଯାଇଥିଲା। ଫଳରେ ଦଳାଚକଟା ହୋଇଥିଲା। ଦଳାଚକଟାରୁ ରକ୍ଷା ପାଇଁ କିଛି ଲୋକ ପୋଲ ତଳକୁ ଡେଇଁ ପଡ଼ିଥିଲେ। ଦଳାଚକଟା ବେଳେ ବ୍ରିଜ୍ ଉପରେ ୫୦ ହଜାରରୁ ଅଧିକ ଲୋକ ଥିଲେ ବୋଲି କୁହାଯାଉଛି।ଆଠଗଡ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି, ଆଜି ସିଂହନାଥ ପୀଠରେ ଅଢ଼େଇ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ୩ କିଲୋମିଟର ଲମ୍ବା ବ୍ରିଜ୍‌ରେ ହଠାତ୍ ଲୋକଙ୍କ ଭିଡ ହେବାରୁ ଦଳାଚକଟା ହୋଇଥିଲା। ଭିଡ ଯୋଗୁ କିଛି ଲୋକ ଅଣନିଃଶ୍ୱାସୀ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବି ଥିଲେ। ୮ ଜଣ ଆହତଙ୍କୁ ବଡମ୍ବା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି। ଡାକ୍ତରଖାନାରେ ସ୍ଥିତି ନିରୀକ୍ଷଣ ନିମନ୍ତେ ପ୍ରଶାସନ ପକ୍ଷରୁ ଜଣେ ଅଫିସରଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଛନ୍ତି।ଆଜି ଏଠାରେ ଏତେ ବଡ ମେଳା ଆୟୋଜନ ହେଉଥିବା ବେଳେ ବଡମ୍ବା ଡାକ୍ତରଖାନାରେ ମାତ୍ର ଜଣେ ଡାକ୍ତର ଥିଲେ। କୌଣସି ସ୍ଥାନରେ ଆଶୁ ଚିକିତ୍ସା କେନ୍ଦ୍ର ମଧ୍ୟ କରାଯାଇ ନ ଥିଲା। ତେଣୁ ଡାକ୍ତରଖାନାରେ ପହଞ୍ଚୁଥିବା ଆହତଙ୍କ ଚିକିତ୍ସାରେ ଗୁରୁତର ବାଧା ସୃଷ୍ଟି ହୋଇଥିଲା।ଟି–ବ୍ରିଜ୍ ଦଳାଚକଟା ନେଇ ପ୍ରଶାସନ ଉପରେ ଅଙ୍ଗୁଳି ଉଠିଛି। ପୁଲିସ ଏବଂ ପ୍ରଶାସନକୁ ଦୋଷ ଦେଇଛନ୍ତି ସାଧାରଣ ଲୋକେ। ଅଢ଼େଇ ଲକ୍ଷ ଲୋକଙ୍କ ଭିଡ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ମାତ୍ର ୩ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ଲୋକଙ୍କ ସମାଗମ ଆକଳନରେ ପ୍ରଶାସନର ନଜରଅନ୍ଦାଜ ଏଭଳି ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସିଂହନାଥ ପୀଠକୁ ପହଞ୍ଚିବା ନିମନ୍ତେ ବ୍ରିଜ୍ ତଳେ ମାଟିର ଏକ ଚଲା ରାସ୍ତା ଥିଲେ ହେଁ ଏକାକୁ ବନ୍ଦ କରି ଦିଆଯାଇଥିଲା। ବ୍ରିଜ୍ ?ର ଉଭୟ ପାର୍ଶ୍ୱରୁ ପ୍ରାୟ ୪ କିମି ଚଲାପଥ ରାସ୍ତା ଏହି ପୀଠକୁ ରହିଥିଲା।

# ବିଦ୍ୟୁତ୍ ତାର ଜାଲରେ ଫସିଗଲା ଗଜରାଜ



ଆଠଗଡ଼,୧୪।୧(ପି.ଏନ): ଆଖୁ ଖାଇବାକୁ ଆସି ବିଦ୍ୟୁତ୍ ତାର ଜାଲ ଭିତରେ ଫସିଲା ଗଜରାଜ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦନ୍ତାର ମୃତ୍ୟୁ ହୋଇଛି। ଆଜି କଟକ ଜିଲ୍ଲା ଆଠଗଡ ବନଖଣ୍ଡ ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ସଂଖପୋଇ ଜୋଙ୍ଗଲ ନିକଟ ସାଉରିଆ ଗାଁ ନିକଟରୁ ଏହି ଦନ୍ତାହାତୀର ମୃତଦେହ ଠାବ ହୋଇଛି। ବିଦ୍ୟୁତ୍ ଆଘାତରୁ ଦନ୍ତାର ମୃତ୍ୟୁ ହୋଇଥିବା ଆଠଗଡ ଡିଏଫ୍ ?ଓ ଯଜ୍ଞଦତ୍ତ ପତି ସ୍ପଷ୍ଟ କରିଛନ୍ତି।ସେ କହିଛନ୍ତି, ସାଉରିଆ ଗାଁ ନିକଟ ଏକ ଆଖୁ ବିଲକୁ ସୁରକ୍ଷା ଦେବା ପାଇଁ ବିଦ୍ୟୁତ ତାର ବିଛାଯାଇଥିଲା। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଛି। ମୃତ ଦନ୍ତାର ଶୁଣ୍ଢରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ଜୀବନ ବଞ୍ଚାଇବା ନିମନ୍ତେ ହାତୀଟି ବହୁତ ଚେଷ୍ଟା କରିଛି। ଆଖୁ କିଆରିକୁ ଲାଗିଥିବା ଧାନ ବିଲରେ ତାର ପାଦ ଚିହ୍ନ ଦେଖିବାକୁ ମିଳିଛି। ହେଲେ ବିଦ୍ୟୁତ୍ ଆଘାତ ସହି ନ ପାରି ଧାନ ବିଲରେ ପଡି ତାର ମୃତ୍ୟୁ ହୋଇଯାଇଛି।ବିଲରେ ବିଦ୍ୟୁତ୍ ତାର ଜାଲ ବିଛାଇଥିବା ଚାଷୀଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଡିଏଫ୍ ?ଓ ସୂଚନା ଦେଇଛନ୍ତି।ଖୁଣ୍ଟୁଣୀ ରେଞ୍ଜର ନୀଳମାଧବ ସାହୁ କହିଛନ୍ତି, ମୃତ ଦନ୍ତାର ବୟସ ପାଖାପାଖି ୧୫ରୁ ୨୦ ବର୍ଷ ହେବ। ଏହି ଘଟଣାର ତଦନ୍ତ ଜାରି ରହିଛି।

## ଆସୁଛି ପଶ୍ଚିମା–ଝଡ଼

ଭୁବନେଶ୍ୱର,୧୪।୧(ପି.ଏନ): ଆସୁଛି ପଶ୍ଚିମା–ଝଡ଼ । ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ବେଳକୁ ରାଜ୍ୟରେ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ ବିଭାଗ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ୨ ଦିନ ଘନ କୁହୁଡି ସମ୍ଭାବନା

ଭୁବନେଶ୍ୱର,୧୪।୧(ପି.ଏନ): ଆଜି ରାତିରୁ ଆସନ୍ତାକାଲି ସକାଳ ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦେଖା ଦେବାର ସମ୍ଭାବନା ରହିଛି। ଏଥିପାଇଁ ୯ଟି ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)। ଏହି ଜିଲ୍ଲାଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କଟକ,କେନ୍ଦୁଝର, ଯାଜପୁର,ଭଦ୍ରକ, ଖୋର୍ଦ୍ଧା, ନୟାଗଡ, ଏବଂ କନ୍ଧମାଳ। ସେହିପରି ୧୪ ତାରିଖ ରାତିରୁ ୧୫ ତାରିଖ ସକାଳ ମଧ୍ୟରେ ଅନୁଗୁଳ, କଟକ , ଢେଙ୍କାନାଳ , ଗଂଜାମ , କଳାହାଣ୍ଡି , କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲାର ଅଧିକାଂଶ ସ୍ଥାନରେ ଘନ କୁହୁଡି ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରୀ କରାଯାଇଛି।

## ଫେବୃଆରୀରେ ଓଡ଼ିଶା ଆସିବେ ମଲ୍ଲିକାର୍ଜୁନ ଖଡ଼ଗେ ଓ ପ୍ରିୟଙ୍କା ଗାନ୍ଧି

ଭୁବନେଶ୍ୱର,୧୪।୧(ପିଏନ):ଫେବୃଆରୀରେ ଓଡ଼ିଶା ଆସିବେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି। ଫେବୃଆରୀରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ହାଥ ସେ ହାଥ ଯୋଡ଼ୋ।' କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଉଭୟ ଓଡିଶା ଆସିବେ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ବସ୍ ରୁ ୮୦ ଲକ୍ଷ ଟଙ୍କା ଜବତ, ବ୍ୟବସାୟୀ ଅଟକ

କଟକ, ୧୪।୧(ପି.ଏନ): କଟକ ଜିଲ୍ଲା ଟାଙ୍ଗି ଟୋଲ ଗେଟ୍ ନିକଟରେ ଏକ ଘରୋଇ ଯାତ୍ରୀବାହି ବସ୍ କୁ ଅଟକାଇ ଯାଂଚ୍ ବେଳେ ସେଥିରୁ ୪ଟି ପେଟିରେ ଥିବା ୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଘଟଣାରେ ସୁକୁମାର ସ ନାମକ ଜଣେ ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି ପୋଲିସ । ସେ କାହିଁକି ଓ କୁଆଡେ ନେଉଥିଲେ ଏତେ ଟଙ୍କା ସେନେଇ ଛାନଭିନ୍ କରୁଛି ପୋଲିସ । ବସ୍ ଟି କଟକରୁ କୋଲକତା ଅଭିମୁଖେ ଯାଉଥିଲା ।

# ଅନ୍ଧାରୀ କୋଠରୀରୁ କୁନି ପିଲାର ପ୍ରଶ୍ନ; ମୋର ଭୁଲ୍ କ'ଣ ?




ଯାଜପୁର,୧୪।୧(ପି.ଏନ): ମୋର ଭୁଲ୍ କ'ଣ ? ମୁଁ କାହିଁକି ଜେଲ୍ ଯିବି ? କଥା କହିପାରୁନଥିବା ନିଷ୍ପାପ ଶିଶୁ ପୁତ୍ରର ଅନ୍ତର ଭିତରେ ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଛି। ତଥାପି ପରିସ୍ଥିତି ସେହି ନିରୀହ ଶିଶୁକୁ ବାଧ କରିଛି ଜେଲ୍ ଯିବା ପାଇଁ। ଏବେ ସେ ନିଜ ମାଆ ସହ ଜେଲ୍‌ରେ ରହିଛି। ଏପରି ଏକ ସ୍ୱର୍ଶକାତର ଘଟଣା ଯାଜପୁର ଜିଲ୍ଲାରେ ଦେଖିବାକୁ ମିଳିଛି।ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଷଣ୍ଢବା ଗାଁର ପ୍ରଦୀପ ଜେନା ଓ ତାଙ୍କ ପତ୍ନୀ ଚନ୍ଦ୍ରକଳା ଜେନା ଦୀର୍ଘ ବର୍ଷ ଧରି ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳରେ ରହୁଥିଲେ। ଏଠାରେ ରହଣୀ ସମୟରେ ଚନ୍ଦ୍ରକଳା ଏକ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏଥିସହ ଆଖପାଖ ଲୋକଙ୍କଠାରୁ ମଧ ଟଙ୍କା ଧାର ସୂତ୍ରରେ ଦେଇଥିଲେ। ହେଲେ ଟଙ୍କା ଫେରାଉନଥିଲେ। ଧରାଛୁଆଁ ଦେଉନଥିଲେ। ଏପରିକି ସୁକିନ୍ଦା ଛାଡି ପଳାଇ ଯାଇଥିଲେ। ଶେଷରେ କିଛି ଉପାୟ ନପାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।ଗତ ଗୁରୁବାର ବିଳମ୍ବିତ ରାତିରେ ପୁଲିସ୍ ଚନ୍ଦ୍ରକଳାଙ୍କୁ ଦୀଘାରୁ ଗିରଫ କରିଥିଲା। ତେବେ ତାଙ୍କର ବର୍ଷ ଦୁଇ ମାସର ଛୁଆ ଥିବାରୁ ପୁଲିସ ତାଙ୍କୁ ମଧ୍ୟ ସାଥୀରେ ଆଣିଥିଲା। ଚନ୍ଦ୍ରକଳା ଗିରଫ ହୋଇଥିବା ଜାଣିବା ପରେ ମହିଳାମାନେ ଥାନାରେ ରୁଣ୍ଡ ହୋଇ ହୋ–ହଲ୍ଲା କରିଥିଲେ।ଆଗକୁ ସ୍ଥିତି ଭୟଙ୍କର ହେବା ଆଶଙ୍କା କରି ପୁଲିସ୍ ତାଙ୍କୁ ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଯାଇଥିଲା। ତେବେ ତାଙ୍କ ଜାମିନ୍ ଆବେଦନ ଖାରଜ ହେବାରୁ ପୁଲିସ ମାଆଙ୍କୁ କୋର୍ଟ ଚାଲାଣ କରିଛି। ଏବେ ମାଆ ଓ ପୁଅ ରଗଡି ଜେଲ୍‌ରେ ଅଛନ୍ତି। ପିଲାଟି କ୍ଷୀର ପିଉଥିବା ମାଆ ସହିତ ଜେଲରେ ରହିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଦୁଇ ବର୍ଷର କୁନି ପୁଅର ଭୁଲ୍ କ'ଣ ? ସେ କାହିଁକି ଜେଲ୍‌ରେ ରହିଛି ମାଆଙ୍କ କୁକର୍ମ ପାଇଁ ଆଜି ଜେଲ୍ ଦଣ୍ଡ ଭୋଗୁଛି କି କୁନି ପୁଅ ?

## ଚାଇବାସାରେ ନକ୍ସଲ ଆକ୍ରମଣରେ ଆହତ ହୋଇଥିବା ତିନି ଜବାନଙ୍କୁ ଏୟାର ଲିଫ୍ଟ କରି ପଠାଗଲା ଦିଲ୍ଲୀ

ରାଂଚି ,୧୪।୧(ପି.ଏନ): ପଶ୍ଚିମ ସିଂହଭୂମି ଚାଇବାସାରେ ହୋଇଥିବା ଲ୍ୟାଣ୍ଡ ମାଇନ ବ୍ଲାଷ୍ଟରେ ଆହତ ହୋଇଥିବା ତିନି ଜବାନଙ୍କୁ ଶୁକ୍ରବାର ଦିନ ଏୟାର ଲିଫ୍ଟଦ୍ୱାରା ଦିଲ୍ଲୀ ପଠାଯାଇଛି । ମୋଡିକା ହସ୍ପିଟାଲ ପରିଚାଳକ ଅନୁଯାୟୀ ୩ ଜଣ ଜବାନଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ଥିଲା , ଯେଉଁମାନଙ୍କୁ ଦିଲ୍ଲୀ ପଠାଯାଇଛି । ଆହତ ମାନଙ୍କ ମଧ୍ୟରେ ଅଛନ୍ତି ଶାହରୁଖ ଖାନ, ଭରତ ସିଂହ ରାୟ ଓ ଅଜୟ ଲିଂଡା । ଏମାନଙ୍କୁ ହସ୍ପିଟାଲରୁ ଗ୍ରୀନ କରିଡର ତିଆରିକରି ଭଗବାନ ବିର୍ଶାମୁଣ୍ଡା ଏଆରପୋର୍ଟ ରେ ପହଂଚାଇ ଦିଆଯାଇଛି ।



ହାଇଦ୍ରାବାଦଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧାରୀ ଗମାଙ୍ଗ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ରାଷ୍ଟ୍ରୀୟ ସମିତିର ସଭାପତି ଶ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ସହ ସାକ୍ଷାତ ଅବସରରେ

# ଦିନକ ପରେ ଲାଗିବ ଯୋଗ୍ୟ ହିତାଧିକାରୀ ତାଲିକା, ଏବେଠୁ ତୁତୁ ମେମେ

ଭୁବନେଶ୍ୱର,୧୪।୧(ପି.ଏନ): ପ୍ରାୟ ତିନି ବର୍ଷ କାଳ କେନ୍ଦ୍ର–ରାଜ୍ୟ ତୁତୁ ମେମେ ପରେ ଏବେ ରାଜ୍ୟର ପ୍ରାୟ ସାଢେ ୯ ଲକ୍ଷରୁ ଅଧିକ ହିତାଧିକାରୀ ପାଇବାକୁ ଯାଉଛନ୍ତି ପ୍ରଧାନମନ୍ତ୍ରୀ ଆବାସ। ଆଉ ମାତ୍ର ଦିନକ ପରେ ଲାଗିବ ଯୋଗ୍ୟ ହିତାଧିକାରୀ ତାଲିକା। ଏହି ଯୋଜନାରେ ପ୍ରାୟ ୮ ଲକ୍ଷ ହିତାଧିକାରୀ ଏବଂ ଫନି ପାଇଁ ସ୍ୱତନ୍ତ୍ର ଭାବେ ୧ ଲକ୍ଷ ୧୭ ହଜାର ହିତାଧିକାରୀଙ୍କୁ ଘର ଦେବାକୁ ମଂଜୁରି ଦେଇଛି କେନ୍ଦ୍ର। ହେଲେ କେମିତି ହେବ ଏ ଆବଣ୍ଟନ ? କେଉଁ ଆଧାରରେ ଚୟନ ହେବେ ହିତାଧିକାରୀ ? ପୂର୍ବଭଳି ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ବିଜେଡି କର୍ମୀଙ୍କୁ ଦିଆଯିବନି ତ ଘର ? ଏସବୁ ପ୍ରଶ୍ନ ଭିତରେ ଆବାସ ବାଣ୍ଟିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଯାହାକୁ ନେଇ ଆରମ୍ଭ ହୋଇଛି ତୁତୁ ମେମେ।ଆସନ୍ତା ୧୬ରୁ ୨୪ ତାରିଖ ଭିତରେ ପ୍ରତି ଗ୍ରାମ ପଂଚାୟତ, ସ୍କୁଲ, ଅଙ୍ଗନୱାଡି ସେଣ୍ଟର ଓ ପ୍ରମୁଖ ସ୍ଥାନଗୁଡ଼ିକରେ ଚିଠା ତାଲିକା ଲଗାଯିବ। କାହାର କିଛି ଆପତ୍ତି ଥିଲେ ସେମାନେ ଏସଂପର୍କିତ ଅଭିଯୋଗ ବାକ୍ସରେ ଅଭିଯୋଗ ପକାଇ ପାରିବେ। ପ୍ରତି ପଂଚାୟତ ପାଇଁ ୩ ଜଣିଆ କମିଟି ରହି ଏସବୁ କାର୍ଯ୍ୟକୁ ତଦାରଖ କରିବେ। ତେବେ ଆପତ୍ତି ଅଭିଯୋଗ ଉପରେ ସ୍ୱତନ୍ତ୍ର ଭାବେ ଗ୍ରାମସଭା ବସି ହିତାଧିକାରୀଙ୍କ ତାଲିକା ଚୂଡାନ୍ତ ହେବା ପରେ ଓ୍ୱାର୍କ ଅଡର୍ ଦିଆଯିବ। ଅନ୍ୟପଟେ ବିଜେପି ଚେତାବନୀ ଦେଇଛି, ଏଥର ବି ଯଦି ଅଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳେ, ତାହେଲେ ବ୍ଲକ୍ ଅଫିସ୍ ?କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଦିଆଯିବ।ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଗତମାସ ୨୦ ତାରିଖରୁ ପକ୍କାଘର ପ୍ରଦାନ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ମରାଯିବା କଥା ଏବଂ ଗତମାସ ୩୧ ତାରିଖ ସୁଦ୍ଧା କାର୍ଯ୍ୟାଦେଶ ଦିଆଯିବାକୁ ସମୟ ନିର୍ଦ୍ଧାରିତ ହୋଇଥିଲା। ରାଜ୍ୟ ସରକାର ଏହି ପ୍ରକ୍ରିୟାକୁ ବିଳମ୍ବିତ କରିଛନ୍ତି। ଆସନ୍ତାକାଲି ଠାରୁ ଏହି ତାଲିକା ମାରିବାକୁ ଏବେ ପଦକ୍ଷେପ ନେଇଛନ୍ତି। ଏହି ତାଲିକାରେ ଯଦି କୌଣସି ଅଯୋଗ୍ୟ ହିତାଧିକାରୀ ପକ୍କାଘର ପାଉଛନ୍ତି ଓ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଛନ୍ତି ତେବେ ବିଜେପି ଆନ୍ଦୋଳନକୁ ଓହ୍ଲାଇବ। ସବୁ ବ୍ଲକ ଅଫିସ୍ ?କୁ ତାଲା ପକାଇ ଦିଆଯିବ। ଏମିତି ବ୍ଲକ କାର୍ଯ୍ୟାଳୟ ଆମର ଆବଶ୍ୟକ ନାହିଁ।ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ପକ୍କାଘର କାର୍ଯ୍ୟାଦେଶ ବଣ୍ଟନରେ ସରକାର ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ଗାଇଡ୍ ? ଲାଇନ୍ କରିଛନ୍ତି। ମାତ୍ର ଦୁର୍ଭାଗ୍ୟର କଥା କେନ୍ଦ୍ର ସରକାର ପକ୍କାଘର କାର୍ଯ୍ୟାଦେଶ ଦେବା ନିମନ୍ତେ ବିଭାଗୀୟ ୱେବ୍ ?ସାଇଟ୍ ?କୁ ଖୋଲୁ ନାହାନ୍ତି। ହେଲେ ସେପଟେ କହୁଛନ୍ତି ଆମେ ଦେଇଦେଲୁ। ଯେମିତି ଚାଉଳକୁ ନେଇ ରାଜନୀତି କରାଯାଉଛି, ଠିକ୍ ? ସେମିତି ପକ୍କାଘର ପ୍ରଦାନକୁ ନେଇ କେନ୍ଦ୍ର ସରକାର ଅଯଥା ରାଜନୀତି କରୁଛନ୍ତି।ସେପଟେ ଜଣାପଡ ? ଗ୍ରାମାଞ୍ଚଳରେ ବସବାସ କରୁଥିବା ୧୨ ଲକ୍ଷରୁ ଅଧିକ ପରିବାର ଏବେ ବି ପକ୍କାଘର ଖଣ୍ଡେ ପାଇବାକୁ ଅପେକ୍ଷା କରି ବସିଛନ୍ତି। ଅର୍ଥ ଅଭାବରୁ ସେମାନେ କଚ୍ଚା ଘରେ ବିପଦପୂର୍ଣ୍ଣ ଜୀବନ ବିତାଉଛନ୍ତି। ମାସକ ତଳେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ୍ ଦେଇଥିବା ଉତ୍ତରରୁ ଜଣାପଡ ? ରାଜ୍ୟ ସରକାର ଆଉ ୧୨.୨୪ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଚିହ୍ନଟ କରିଛନ୍ତି । ଏବାବଦରେ ୧୫,୫୪୫କୋଟି ଟଙ୍କା ବ୍ୟୟ ଅଟକଳର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସର୍ବାଧିକ ୧.୬୪ଲକ୍ଷ ଘର ମୟୂରଭଞ୍ଜ ଜିଲ୍ଲାକୁ ଓ ସର୍ବନିମ୍ନ ୧୪୪୬ଟି ଘର ଦେବଗଡକୁ ଆବଂଟନ ପାଇଁ ଚିହ୍ନଟ ହୋଇଛି।ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ରାଜ୍ୟରେ ଗତ ୨୦୧୪–୧୫ ଆର୍ଥିକ ବର୍ଷରୁ ଏପର୍ଯ୍ୟନ୍ତ ମୋଟ ୩୧.୩୯ ଲକ୍ଷ ପକ୍କାଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ତେବେ ଏହି ୯ବର୍ଷ ମଧ୍ୟରେ ମୋଟ ୩୧ଲକ୍ଷ ୩୯ହଜାର ୮୦୪ଟି ପକ୍କାଘର ଗ୍ରାମାଂଚଳରେ ନିର୍ମାଣ ହୋଇଥିବାବେଳେ ଏଥିରେ ବିଜୁ ପକ୍କାଘର ଯୋଜନାରେ ମାତ୍ର ୩ଲକ୍ଷ ୧୬ହଜାର ୪୭ଟି ଘର ନିର୍ମାଣ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଓ ଇନ୍ଦିରା ଆବାସ ଯୋଜନାରେ ପ୍ରାୟ ୨୭.୭୦ଲକ୍ଷ ଘର ନିର୍ମାଣ ହୋଇଛି।ସେହିପରି ରାଜ୍ୟର ବିଭିନ୍ନ ପୌରାଂଚଳରେ ବାସହୀନ ପରିବାରକୁ ପକ୍କାଘର ଯୋଗାଇବା ସମ୍ପର୍କରେ ରାଜ୍ୟ ଗୃହନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଥିଲେ, ୨୦୧୭–୧୮ ଆର୍ଥିକ ବର୍ଷରେ ହୋଇଥିବା ସମସ୍ତଙ୍କୁ ବାସଘର ସର୍ଭେ ? ଅନୁସାରେ ଓଡିଶାର ସମସ୍ତ ପୌରାଂଚଳରେ ମୋଟ ୩ଲକ୍ଷ ୫୩ହଜାର ୧୮୨ଟି ବାସହୀନ ପରିବାର ତଥା ପକ୍କାଘର ନଥିବା ପରିବାରକୁ ଚିହ୍ନଟ କରାଯାଇଥିଲା । ଗତ ୧୨ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଏପର୍ଯ୍ୟନ୍ତ ମୋଟ ୨ଲକ୍ଷ ୧୫ହଜାର ୧୬୪ଟି ବାସହୀନ ପରିବାରକୁ ବାସଗୃହ ଯୋଗାଇ ଦେବାକୁ ସରକାର ମଞ୍ଜୁରୀ ଦେଇ ସାରିଛନ୍ତି । ଏବାବଦରେ ମୋଟ ୨୮୪୬ କୋଟି ଟଙ୍କା ବ୍ୟୟ ହୋଇଛି।

## କଟକରେ ମାଂଜା ସୂତା ବ୍ୟାନ୍

ଭୁବନେଶ୍ୱର,୧୪।୧(ପି.ଏନ): କଟକରେ ନାଇଲନ୍ ଓ ମାଞ୍ଜା ସୁତାରେ ଗୁଡ଼ି ଉଡ଼ାଇବା ଉପରେ କଟକଣା ଲାଗିଛି। କଟକରେ ନାଇଲନ୍ ଓ ମାଞ୍ଜା ସୂତା ପ୍ରସ୍ତୁତି, ବିକ୍ରି, ଗଚ୍ଛିତ ରଖିବା ଓ ଉଡ଼ାଇବା ପରେ କଟକଣା ଲଗାଇଛନ୍ତି ଜିଲ୍ଲାପାଳ।

## ୩୬ ଫୁଟର ବାଲୁକା ଭାସ୍କର୍ଯ୍ୟ ନିର୍ମାଣ କଲେ ଶିକ୍ଷକ



ବଲାଙ୍ଗିର,୧୪।୧(ପି.ଏନ): ରେକର୍ଡ ନିଶାରେ ୩୬ ଫୁଟ ଉଚ୍ଚର ବାଲୁକା ଭାସ୍କର୍ଯ୍ୟ ନିର୍ମାଣ କଲେ ଶିକ୍ଷକ। ସେ ହେଉଛନ୍ତି ବଲାଙ୍ଗିର ସହର ରାଜୀବନଗର ପଡାର ଓମପ୍ରକାଶ ସାହୁ। ଅନେକ ବାଲୁକା କଳା ନିର୍ମାଣ କରି ସେ ପାଲଟି ଯାଇଛନ୍ତି ଜଣେ ଆର୍ନ୍ତଜାତୀୟ ବାଲୁକା ଶିଳ୍ପୀ। ଦେଶ ତଥା ବିଦେଶରେ ନିଜର ବାଲୁକା କଳାର ଚମତ୍କାରିତା ଦେଖାଇଛନ୍ତି।ଏଥର ଆଉ ଗୋଟିଏ ପାଦ ଆଗକୁ ଯାଇ, ଉଚ୍ଚ ବାଲୁକା ଭାସ୍କର୍ଯ୍ୟ କଳା ନିର୍ମାଣ କରି ରେକର୍ଡ କରିବାର ଚେଷ୍ଟା କରିଛନ୍ତି ଓମପ୍ରକାଶ । ତେଲ ନଦୀର ପେଣ୍ଡିମୁଣ୍ଡା ଘାଟ ନିକଟରେ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଭାସ୍କର୍ଯ୍ୟ କଳା ନିର୍ମାଣ କରିଛନ୍ତି। ନେତାଜୀଙ୍କ ୧୨୫ ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହି ବାଲୁକା ଶିଳ୍ପର ନିର୍ମାଣ କରିଛନ୍ତି ଓମପ୍ରକାଶ। ଉଚ୍ଚତମ ନେତାଜୀଙ୍କ ଭାସ୍କର୍ଯ୍ୟ କଳା ଭାବରେ ଏହା ରେକର୍ଡ କରିବ ବୋଲି ଆଶା ରଖିଛନ୍ତି ଓମ ପ୍ରକାଶ । ଆଜି ଗୁଡଭେଲା ବି.ଡି.ଓ ଗୁରେଶ୍ୱର ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଲୁକା କଳାର ଉଦଘାଟନ କରିଛନ୍ତି। ଉଦଘାଟନୀ ସଭାରେ ମୁଖ୍ୟବକ୍ତା ଭାବରେ ନେତାଜୀ ଜନ୍ମବାର୍ଷିକୀ କମିଟି ଓଡିଶାର ସଂପାଦକ ବିଶ୍ୱାବସୁ ଦାସ ଯୋଗଦେଇଥିଲେ।

# ଡିସେମ୍ବର ସୁଦ୍ଧା ୪୪ହଜାରରୁ ଅଧିକ ଅବକାରୀ ମାମଲା ରୁଜୁ

ଭୁବନେଶ୍ୱର,୧୪।୧(ପି.ଏନ):ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟରେ ୪୪ ହଜାରରୁ ଅଧିକ ଅବକାରୀ ମାମଲା ରୁଜୁ ହୋଇଛି । ଗତବର୍ଷର ଏହି ସମୟ ତୁଳନାରେ ମାମଲା ସଂଖ୍ୟା ୫୪ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆଜି ହୋଇଥିବା ସମୀକ୍ଷାରୁ ଏହା ଜଣାଯାଇଛି। ଭର୍ଚୁଆଲରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ଯୁଗ୍ମ ଅବକାରୀ କମିଶନର ଡ. ଦିବ୍ୟ ଲୋଚନ ମହନ୍ତ, ଶରତ ଚନ୍ଦ୍ର ମହାପାତ୍ର, ଉପ ଅବକାରୀ କମିଶନର ,ରାମ ଚନ୍ଦ୍ର ମିଶ୍ର, ରଜତ କୁମାର ପ୍ରହାରାଜ, ଦଣ୍ଡପାଣି ବେହେରା, ଉମ୍ବରୁଧର ଖଣ୍ଡା ଏବଂ ସମସ୍ତ ଅଧୀକ୍ଷକ ଉପସ୍ଥିତ ଥିଲେ । ବୈଠକରେ ନିରନ୍ତର ଚଢାଉ ଜାରି ରଖିବା ଓ ବେଆଇନ୍ ମଦ ତଥା ନିଶା କାରବାରକୁ ପ୍ରତିହତ କରିବା ଉପରେ ଜୋର ଦିଆଯାଇଛି । ସମୀକ୍ଷାରୁ ଜଣାଯାଇଛି ଯେ ୨୦୨୨–୨୩ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷସୁଦ୍ଧା ୪୪୬୩୮ ରେକର୍ଡ ସଂଖ୍ୟକ ମୋକୋଦ୍ଦମା ରୁଜୁ କରାଯାଇଥିବାବେଳେ ୨୦୨୧–୨୨ ମସିହାରେ ଏହି ସମୟରେ ୨୯୦୩୮ଟି ମୋକୋଦ୍ଦମା ରୁଜୁ କରାଯାଇଥିଲା । ଗତ ଆର୍ଥିକ ବର୍ଷ ତୁଳନାରେ ମୋକୋଦ୍ଦମା ରୁଜୁ ୫୪% ବୃଦ୍ଧି ପାଇଛି ।ଚଳିତ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ନାର୍କୋଟିକ୍ସ ଡ୍ରଗ୍ ଏବଂ ସାଇକୋଟ୍ରୋପିକ ପଦାର୍ଥ ଅଧିନିୟମ ଅନୁଯାୟୀ ୧୨୯୪ଟି ମାମଲାରେ ରେକର୍ଡ ୧୪୬୦ଜଣଙ୍କୁ ଗିରଫ କରାଯାଇଥିବାବେଳେ ଗତବର୍ଷ ୫୭୫ଟି ମାମଲାରେ ୬୬୭ ଜଣଙ୍କୁ ଗିରଫ କରାଯାଇଥିଲା । ଗତବର୍ଷ ତୁଳନାରେ ଏ ବର୍ଷ ଗିରଫଦାରୀ ସଂଖ୍ୟାରେ ୧୨୫% ବୃଦ୍ଧି ହୋଇଛି । ସେହିଭଳି ଡିସେମ୍ବର ଶେଷ ସୁଦ୍ଧା ୨୫୩୮୮ଗ୍ରାମ ହେରୋଇନ ଜବତ କରାଯାଇଥିବାବେଳେ, ଗତବର୍ଷ ଡିସେମ୍ବର ପର୍ଯ୍ୟନ୍ତ ୧୦୧୯୩ଗ୍ରାମ ହେରୋଇନ ଜବତ ହୋଇଥିଲା । ଗତବର୍ଷ ୨୨୪୮୯ କେଜି ଗଞ୍ଜେଇ ଜବତ ହୋଇଥଲାବେଳେ ଏ ବର୍ଷ ୨୭୮୦୧ କେଜି ଗଞ୍ଜେଇ ଜବତ କରାଯାଇଛି ।ସମୀକ୍ଷା ବୈଠକରେ ଅବକାରୀ କମିଶନର ଶ୍ରୀ ସିଂହ ସମସ୍ତ ଅଧୀକ୍ଷକଙ୍କୁ ଆଗାମି ଦିନରେ ବେଆଇନ ମଦରନ୍ଧା ଓ ବିକ୍ରୟ, ନକଲିମଦ, ଗଞ୍ଜେଇ, ହେରୋଇନ ବିରୁଦ୍ଧରେ ଧରପଗଡ ଅଭିଯାନକୁ ଜୋରଦାର କରିବା ସହିତ ମୋକଦ୍ଦମା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଗଞ୍ଜେଇ ଚାଷର ଖବର ନେଇ ଆଗାମି ଦିନରେ ଏହାର ମୁଳୋତ୍ପାଟନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।



## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।



## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।



## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




## —କସ୍ତୁରୀ ମୃଗ—

# ଓଡ଼ିଆ ସାହିତ୍ୟ ଜଗତର କାଳଜୟୀ ମହିଳା ସ୍ରଷ୍ଟା : ବୀଣାପାଣି ମହାନ୍ତି

***ମର୍ମବେଦନାର ଅଙ୍ଗେନିଭା ସତ୍ୟନିଷ୍ଠ କାହାଣୀ: ଗଳ୍ପ 'ପାଟଦେଇ'। ସେହିପରି 'ପାଟଦେଈ' ଗଳ୍ପଟି ପଛରେ ମଧ୍ୟ ଅଙ୍ଗେନିଭା କାହାଣୀ ରହିଛି। ଏକଦା ସ୍ୱର୍ଗତା ମହାନ୍ତି ବାଣୀବିହାରରୁ ଘରକୁ ଫେରୁଥିଲେ। ରସୁଲଗଡ଼ ଛକରେ ବସ ଭିତରେ ୭/୮ଜଣ ମହିଳା ଜଣେ ସତର ଅଠର ବର୍ଷର ଝିଅକୁ ଠେଲାପେଲା କରୁଥିଲେ। କହୁଥିଲେ ବାପଘର ଖାଇଲୁ, ଶାଶୁଘର ଖାଇଲୁ... ଲୋ ପାଟ ତୁ ମରିଯା। ଝିଅଟି ଜୋରରେ କାନ୍ଦୁଥିଲା। କାନ୍ଦି କାନ୍ଦି ବୀଣାପାଣିଙ୍କ ପାଖକୁ ଆସିଲା। ଝିଅଟିର ଆଖିର ଲୁହ ଠୋପା ଠୋପା ହୋଇ ବୀଣାପାଣିର କାନ୍ଧରେ ପଡୁଥାଏ। ନିଜେ ସିଟରୁ ଘୁଞ୍ଚିଯାଇ ସେ ଝିଅକୁ ପାଖରେ ବସାଇଥିଲେ। ତା ଭଲ ମନ୍ଦ ବୁଝିଥିଲେ। ସେହି ଝିଅର ବେଦନାରୁ ପାଟଦେଈ ଗଳ୍ପର ସୃଷ୍ଟି ହୋଇଥିଲା।***



ଓଡ଼ିଆ କଥା ସାହିତ୍ୟ ଜଗତର କାଳଜୟୀ ସ୍ରଷ୍ଟା ହେଉଛନ୍ତି ବୀଣାପାଣି ମହାନ୍ତି। ବୀଣାପାଣି ଜଣେ କବି ଭାବରେ ଲେଖାଲେଖି ଆରମ୍ଭ କରି ପରେ ଉପନ୍ୟାସ ଏବଂ ଗଳ୍ପ ରଚନାରେ ହାତ ଦେଇଥିଲେ। ୧୯୫୫ ମସିହାରେ ତାଙ୍କର ପ୍ରଥମ କବିତା 'ତନ୍ଦ୍ରାହତ' ପ୍ରଜାତନ୍ତ୍ର ନାରୀମହଲରେ ପ୍ରକାଶିତ ହୋଇଥିଲା। ୧୯୫୭ ମସିହାରେ 'ଗୋଟିଏ ରାତ୍ରିର କାହାଣୀ' ରବିବାସରୀୟ ଫର୍ଦ୍ଦରେ ସ୍ଥାନିତ ହୋଇଥିଲା। ୧୯୬୧ରେ ତାଙ୍କ ଗଳ୍ପ 'ନାଉ ଗଛ' ବେଶ ପାଠକୀୟ ଆଦୃତି ଲାଭ କରିଥିଲା। ବୀଣାପାଣିଙ୍କ ଗଳ୍ପର କଥାବସ୍ତୁ ସମାଜର ନିଛକ ଘଟଣା ଉପରେ ଛିଡ଼ା ହୋଇଥାଏ। ବାଲେଶ୍ୱର କୁନ୍ତଳା କୁମାରୀ ମହାବିଦ୍ୟାଳୟରେ ଅଧାପନା ସମୟରେ ଏହି କଲେଜ ପରିସରରେ ମାଡ଼ିଥିବା ଏକ ନାଉ ଗଛକୁ ନେଇ କାହାଣୀ ନାଉଗଛ ରଚନା କରାଯାଇଥିଲା। ତାଙ୍କ ରଚିତ ଉପନ୍ୟାସ ସୀତାର ଶୋଣିତ, ମନସ୍ୱିନୀ, କୁନ୍ତୀ କୁନ୍ତଳା ଶକୁନ୍ତଳା, ଗଳ୍ପ ସଂକଳନ ପାଚେରି ସେପଟେ ନଈ, ଖେଳ ଚାଲିଛି, ଦୃଶ୍ୟାନ୍ତର, ଖେଳନା, ଚରିତ୍ର ହସୁଛି, ତଟିନୀର ତୃଷ୍ଣା, ସାୟାହ୍ନର ସ୍ୱର, ଅନ୍ଧକାରର ଛାଇ, କାଳାନ୍ତର, ଆରୋହଣ, ମଧ୍ୟାନ୍ତର, ବସ୍ତ୍ରହରଣ, ଶକୁନିର ଛକା, ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି, ନଈକୁ ରାସ୍ତା ଆଦି ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ତାଙ୍କର ବହୁ ଗଳ୍ପ ହିନ୍ଦୀ, ଇଂରାଜୀ, ବଙ୍ଗଳା, କନ୍ନଡ଼, ତେଲୁଗୁ, ମାଲାୟାଲମ ଓ ନେପାଳୀ ଭାଷାରେ ଅନୁଦିତ ହୋଇ ଅଶେଷ ପାଠକୀୟ ଆଦର ଲାଭ କରିଛି। ମୌଳିକ ଓ ଅନୁବାଦକୁ ମିଶାଇ ସେ ପାଖାପାଖି ୫୪ଟି ସଂକଳନର ସ୍ରଷ୍ଟା। ଅନେକ ନାରୀକୈନ୍ଦ୍ରିକ କାହାଣୀର ସଫଳ ସ୍ରଷ୍ଟା ଭାବେ ପରିଚିତା ବୀଣାପାଣି ଥିଲେ ଜଣେ ଦୃଢ଼ ଓ ଦୃପ୍ତ ନାରୀ ସ୍ୱର। ଓଡ଼ିଶା ଲେଖିକା ସଂସଦର ସଭାପତି ଭାବେ ମଧ୍ୟ ସେ ଦୀର୍ଘ ବର୍ଷ କାର୍ଯ୍ୟ କରିଛନ୍ତି। ନାରୀର ସ୍ୱାଧୀନତା, ସ୍ୱାତନ୍ତ୍ର୍ୟ ପାଇଁ ସେ ସଦା ସ୍ୱର ଉତ୍ତୋଳନ କରି ଆସିଥିଲେ। ତାଙ୍କ କହିବା କଥା ଥିଲା, ଜଣେ ନାରୀ କାନ୍ଦିଲେ ଚଳିବନି। ନାରୀ ଆଖିର ଲୁହ ତାର ଦୁର୍ବଳତାର ପରିଚୟ। ନାରୀକୁ ପରିସ୍ଥିତିକୁ ସାମ୍ନା କରିବା ଆବଶ୍ୟକ। ପରିସ୍ଥିତି ଅନୁସାରେ ନିଜକୁ ଛିଡ଼ା କରାଇବା ଦରକାର। ତାହେଲେ ଯାଇ ନାରୀ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ।

ଏକଦା ବୀଣାପାଣି ମହାନ୍ତି କହିଥିଲେ 'ଜଣେ ଲେଖକ ବା ଲେଖିକାର କେବଳ କର୍ତ୍ତବ୍ୟ ନୁହେଁ ତାର ଲେଖା ମାଧ୍ୟମରେ ସମାଜରେ କୋଳାହଳ ସୃଷ୍ଟି କରିବା, କିମ୍ବା ଲେଖାରେ କୁହୁକର ଜାଲ ସୃଷ୍ଟି କରିବା। କିମ୍ବା ଲେଖାରେ ଅଶ୍ଳୀଳତା ମାଧ୍ୟମରେ ଚମକ ସୃଷ୍ଟି କରିବା। ଜଣେ ଲେଖକ ତାର ଲେଖା ମାଧ୍ୟମରେ ନାରୀ ମାନଙ୍କୁ ସଚେତନ କରିପାରିବ। ଏଇ ଲେଖା ମାଧ୍ୟମରେ ନାରୀଙ୍କୁ ନେଇ ସମାଜରେ ଥିବା ଭୁଲ ଧାରଣାକୁ ପରିବର୍ତ୍ତନ କରିପାରିବ।' ସେହିପରି ଆଉଥରେ ତାଙ୍କର ଏକ ସ୍ମରଣୀୟ ସଂଳାପ ମନେପଡୁଛି 'ମୋ ଗଳ୍ପର ନାରୀ ଦାସୀ ନୁହେଁ କି ଦେବୀ ନୁହେଁ, ରାକ୍ଷସୀ ବି ନୁହେଁ, ସେ



କେବଳ ମାନବୀ। ମୁଁ ମାନବୀ ରୂପରେ ତାକୁ ନେଇ ପରୀକ୍ଷା ନିରୀକ୍ଷା କରିଛି। ଜାଣିନି ଏଥିରେ କେତେଦୂର ସଫଳ ହୋଇଛି।'

ପିଲାଟି ଦିନରୁ ସାହିତ୍ୟ ଅନୁରାଗୀ ବୀଣାପାଣି ବାସ୍ତବରେ ତାଙ୍କ ନାମର ସାର୍ଥକତା ପ୍ରତିପାଦିତ କରିଛନ୍ତି। ଓଡ଼ିଆ କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ଆଦି ବିଭିନ୍ନ ବିଭବକୁ ତାଙ୍କ ଅବଦାନ ଅତୁଳନୀୟ। ଓଡ଼ିଆ ସାହିତ୍ୟ ଆକାଶର ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ ବୀଣାପାଣି ମହାନ୍ତି। ତାଙ୍କ ପ୍ରଥମ ପ୍ରକାଶନ ୧୯୬୦ ମସିହାରେ 'ଗୋଟିଏ ରାତିର କାହାଣୀ'ରୁ ଆରମ୍ଭ ହୋଇଥିଲା। ତାଙ୍କର ବହୁ ଚର୍ଚ୍ଚିତ ଶ୍ରେଷ୍ଠ ଗଳ୍ପ ମଧ୍ୟରେ ପାଟଦେଈ, ଖେଳଘର, ନଈକୁ ରାସ୍ତା, ବସ୍ତ୍ରହରଣ, ଅନ୍ଧକାର, କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ ଏବଂ ମିଛମିଛିକା ଆଦି ଅଜସ୍ର ପାଠକୀୟ ସ୍ୱୀକୃତି ଓ ପ୍ରଶଂସା ସାଉଁଟିଛି। ତାଙ୍କର କ୍ଷୁଦ୍ରଗଳ୍ପ ସଂକଳନ ଭିତରେ ରହିଛି ପାଟଦେଇ ଓ ଅନ୍ୟାନ୍ୟ କାହାଣୀ। ସାହିତ୍ୟ କ୍ଷେତ୍ରରେ ସାମଗ୍ରିକ ତଥା ଉଲ୍ଲେଖନୀୟ ଅବଦାନ ପାଇଁ ୧୯୯୦ ମସିହାରେ ବୀଣାପାଣିଙ୍କୁ ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ୨୦୨୦ ମସିହାରେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା। ତାଙ୍କ ସୃଷ୍ଟି କାଳଖଣ୍ଡକୁ ଅତିକ୍ରମ କରିସାରିଛି। ତାଙ୍କର ଦେହାବସାନ ହୋଇଛି ସତ ମାତ୍ର ଲକ୍ଷ ଲକ୍ଷ ପାଠକଙ୍କ ହୃଦୟରେ ସେ ସବୁବେଳେ ରହିଛନ୍ତି ଓ ରହିବେ। କଥାସାହିତ୍ୟ ଆକାଶର ଅମଳିନ ତାରା ଭଳି ସେ ଝଟକୁ ଥିବେ ସବୁବେଳେ।




**—ଡଃ. ଅରୁନ୍ଧତୀ ଦେବୀ**
*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ପାଠ ପଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି !



'ପାଠ ପଢ଼ିବି; ମଧୁବାବୁ ସଂଗେ ଲଢ଼ିବି।' ପିଲାଦିନେ ପଢ଼ିଥିବା ଏହି ବାକ୍ୟଟି ଏବେ ଏକ ଆପ୍ତବାକ୍ୟ ଯାହାକି ବିଜ୍ଞ, ଗୁଣୀ ଏବଂ ଜଣେ କର୍ମବୀର ଅର୍ଥରେ ବ୍ୟବହୃତ ହୁଏ। ମଧୁବାବୁ ହେଉଛନ୍ତି ଓଡ଼ିଶାର ପ୍ରଥମ ବି.ଏ ବା ସ୍ନାତକ। ପ୍ରଥମ ଏମ୍.ଏ ବା ସ୍ନାତକୋତର ଏବଂ ଓଡ଼ିଆ ଭାଷାଭାଷୀ ପ୍ରଥମ ବାରିଷ୍ଟର। ସେ ସଂକ୍ଷେପରେ ମଧୁବାବୁ ବା ମଧୁ ବାରିଷ୍ଟର ଭାବେ ଜଣାଶୁଣା। ପରବର୍ତ୍ତୀ ପଦବୀ ଉତ୍କଳଗୌରବ କାରଣରୁ ଆମେ ତାଙ୍କୁ ସମ୍ବୋଧିତ କରୁ ଉତ୍କଳ ଗୌରବ ମଧୁସୂଦନ।



ମଧୁବାବୁ ଠିକ୍ ପଢ଼ିଥିଲେ ଠିକ୍ ବୁଝିଥିଲେ ଏବଂ ସେହି ଅନୁସାରେ ନିଜକୁ ତୋଳି ପାରିଥିଲେ ଅଥଚ ଆମେ ଏବେ ତାଙ୍କଠୁ ଢ଼େର ଅଧିକ ପଢ଼ିଥିଲେ ବି ଆମେ ମଧୁବାବୁଙ୍କ ସମକକ୍ଷ ହୋଇପାରୁ ନାହୁଁ ଅର୍ଥାତ୍ ତାଙ୍କ ପରି ପଢ଼ିବା, ଲଢ଼ିବା ଏବଂ ଜୀବନ ସହିତ ଯୁଝିବାର ତାକତ ଓ ଆମର ନାହିଁ। ଏଣୁ ଯଥାର୍ଥରେ ଆମେ ତାଙ୍କ ଠୁ ଯେତେ ଅଧିକ ପଢ଼ିଲେ ବି, ତାଙ୍କ ପରି ଲଢ଼ିପାରିବୁ ନାହିଁ। ଆମର ସବୁରି ଶିକ୍ଷା ସତ୍ତ୍ୱେ ସେ ସୂର୍ଯ୍ୟ ହେଲେ ଆମେ ଡିବିରି ବତୀ ବା ଲଣ୍ଠନ ତୁଲ୍ୟ।

ମଧୁସୂଦନ ଦାସ ୧୮୪୮ ମସିହା ଏପ୍ରିଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମାତାଙ୍କ ନାମ ପାର୍ବତୀ ଦେବୀ। ତାଙ୍କର ବାଲ୍ୟଶିକ୍ଷା ଗାଁ ଚାଟଶାଳୀ, ମହାସିଙ୍ଗପୁରରେ ଭର୍ଣ୍ଣାକୁଲାର ଏବଂ କଟରେ ଏନ୍ଟ୍ରାନ୍ସ ପଢ଼ା ସରିଲା ମାତ୍ରେ ୧୬ ବର୍ଷରେ ୧୮୬୪ମସିହାରେ, ୧୮୭୦ରେ ସେ ବି.ଏ ୧୮୭୬ରେ ଏମ୍.ଏ ଓ ଏହାପରେ ଲ' କରିଥିଲେ । ସେ କିଛିଦିନ ବାଲେଶ୍ୱରରେ ଶିକ୍ଷକତା ମଧ୍ୟ କରିଥିଲେ। କଲିକତାରେ ପଢ଼ିଲା ବେଳେ ସେ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥିଲେ ଏବଂ ସୌଦାମିନୀ ନାମ୍ନୀ ଜଣେ ଖ୍ରୀଷ୍ଟିଆନ୍ ଯୁବତୀଙ୍କୁ ବିବାହ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ପିତା ତାଙ୍କୁ ତ୍ୟଜ୍ୟପୁତ୍ର କରିଥିଲେ। ଦୁଃଖ ଯେ, ସୌଦାମିନୀ ମଧ୍ୟ ତାଙ୍କର ସହଯାତ୍ରୀ ହୋଇ ବେଶୀଦିନ ରହିପାରିଲେ ନାହିଁ। ସେ ତାଙ୍କର ସ୍ମୃତିରେ ବଂଚିଲେ ଏବଂ ଦ୍ୱିତୀୟ ବିବାହ କଲେ ନାହିଁ। ଓକିଲାତି ପାସ୍ ପରେ ମଧୁବାବୁ ପ୍ରଥମେ କଲିକତା ଉଚ୍ଚ ନ୍ୟାୟାଳୟ ଏବଂ ପରେ ଆଲିପୁର ନ୍ୟାୟାଳୟରେ ଓକିଲାତି କଲେ। ସେତେବେଳେ କଲିକତାରେ ଥିଲେ ଏକମାତ୍ର ଓଡ଼ିଆ ଓକିଲ। ୧୮୮୧ରୁ ସେ କଟକରେ ଓକିଲାତି କଲେ। ଜଣେ ଓଡ଼ିଆ ଓକିଲ ହେତୁ ସେ ଖୁବ୍ ଶୀଘ୍ର ଓଡ଼ିଶାରେ ତାଙ୍କ ପରିଚିତି ସୃଷ୍ଟି କଲେ। ସେ ଗରିବ ଲୋକଙ୍କ ପାଇଁ ମାଗଣା ଲଢୁଥିଲେ ଏବଂ ଧନୀ ଓ ଜମିଦାରଙ୍କ ଅତ୍ୟାଚାରରୁ ମୁକ୍ତ କରାଉଥିଲେ। କଟକରୁ ତାଙ୍କ କାର୍ଯ୍ୟାବଳୀ ପାଇଁ ଲୋକେ ତାଙ୍କୁ ମଧୁ ବାରିଷ୍ଟର ରୂପେ ନାମିତ କଲେ।

ମଧୁବାବୁ ଖ୍ରୀଷ୍ଟିଆନ୍ ଥିଲେ ମଧ୍ୟ ଯେତେବେଳେ ଶ୍ରୀମନ୍ଦିର ଶାସନ ଇଂରେଜ ହାତକୁ ନେଲେ, ସେ ଲଢ଼ି ତାଙ୍କୁ ଏଥିରୁ ନିବୃତ କରାଇଲେ। ସେମିତି କେନ୍ଦୁଝରରେ ରାଜାଙ୍କୁ ତାଙ୍କ ରାଜଗାଦି ସରକାରଙ୍କ ହାତରୁ ଫେରାଇ ନେବାରେ ସାହାଯ୍ୟ କରିଥିଲେ। ତାଙ୍କଦ୍ୱାରା ୧୯୦୩ରେ ଆହୂତ ହୋଇଥିଲା ଉତ୍କଳ ସମ୍ମିଳନୀ। ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକାଠି କରିବା ଥିଲା ତାଙ୍କ ଉଦ୍ଦେଶ୍ୟ। ତାଙ୍କରି ପ୍ରଚେଷ୍ଟାରେ ସମ୍ବଲପୁର କର୍ଜନଙ୍କ ସମୟରେ ଓଡ଼ିଶାରେ ମିଶିଲା ଏବଂ ମଧ୍ୟପ୍ରଦେଶ, ବଙ୍ଗଳା ଓ ମାନ୍ଦ୍ରାଜ ଅଧୀନରେ ଥିବା ଓଡ଼ିଆ ଅଂଚଳକୁ ଓଡ଼ିଶାରେ ମିଶାଇବା ପାଇଁ ସୁପାରିଶ ହେଲା। ୧୯୧୭ରେ ମଂଟେଗୁ ଚେମସଫୋର୍ଡ଼ଙ୍କୁ ପ୍ରଭାବିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରସ୍ତାବ ରଖାଗଲା। ୧୯୩୧ରେ ଓଡ଼ନେଲ୍ କମିଟି ପାଖରେ ମଧ୍ୟ ଏ ପ୍ରସ୍ତାବର ପୁନରାବୃତି ହେଲା। ସେ ଯଥାକ୍ରମ ୧୯୧୩ ଓ ୧୯୧୮ରେ ଦୁଇଥର ଉତ୍କଳ ସମ୍ମିଳନୀର ସଭାପତି ଥିଲେ। ତାଙ୍କ ଓଜସ୍ୱିନୀ ଭାଷଣ ଓ ଜାତୀୟବାଦୀ କବିତା : ଉତ୍କଳ ସନ୍ତାନ, ସନ୍ତାନର ଉକ୍ତି, ଜାତି ଇତିହାସ ଏବଂ ଜନନୀର ଉକ୍ତି ଇତ୍ୟାଦି ଜନମାନସରେ ଓଡ଼ିଆ ପ୍ରୀତି ଜାଗ୍ରତ କରାଉଥିଲା।

୨୦ ଜାନୁୟାରୀ ୧୯୧୩ରେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ସେ ସଦସ୍ୟ ଥିଲେ ଏବଂ ସେହି ବର୍ଷ ଭାରତର ବିଧାନ ପରିଷଦର ସେ ପ୍ରଥମ ଓଡ଼ିଆ ଭାବେ ମନୋନୀତ ହେଲେ। ୧୯୨୧ ଏପ୍ରିଲ ୨୨ରେ ବିହାର ଓଡ଼ିଶା ସରକାରଙ୍କର ସ୍ୱାୟତ ଶାସନର ସେ ମନ୍ତ୍ରୀ ହେଲେ। ସେ ହିଁ ଘୋଷଣା କରିଥିଲେ ଯେ, ଯେହେତୁ ମନ୍ତ୍ରୀମାନେ ଜନସାଧାରଣଙ୍କ ପ୍ରତିନିଧି, ସେମାନେ ଦରମା ନେବା ଅନୁଚିତ। ଏକଥା ଅନ୍ୟମାନେ ଗ୍ରହଣ ନ କରିବାରୁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

କୁହାଯାଏ ମଧୁବାବୁଙ୍କ ଜୀବନୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ। ଓଡ଼ିଶାର କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ସଂସ୍କୃତି ଇତ୍ୟାଦି ସବୁରି କ୍ଷେତ୍ରରେ ଥିଲେ ସିଏ। କଟକ ଯୋତା କାରଖାନା 'ଉତ୍କଳ ଟ୍ୟାନେରୀ' ଓ ସୁନାରୂପା ତାରକସୀ କାମ 'ଆଟ ଓ୍ୟାର'ର ସେ ଥିଲେ ପ୍ରତିଷ୍ଠାତା। ଏଥିପାଇଁ ସେ ବହୁ କ୍ଷତି ସହିଥିଲେ। ତାଙ୍କ ଜମି ଓ ଘର ବିକିଥିଲେ। ଓଡ଼ିଆମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ତାଙ୍କର ମୂଳମନ୍ତ୍ର ଥିଲା- 'ଆଲୋ ସଖି, ଆପଣା ମହତ ଆପେ ରଖି।' ଏପରି ଜଣେ ଯୋଗଜନ୍ମାଙ୍କର ମୃତ୍ୟୁ ହେଲା ୪ ଫେବୃୟାରୀ ୧୯୩୪ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଠିକ୍ ଦୁଇବର୍ଷ ପୂର୍ବରୁ। ଓଡ଼ିଶା ପାଇଁ ଯେତେ ଯିଏ କାନ୍ଦିଛନ୍ତି ତାଙ୍କଠୁ ଅଧିକ କେହି କାନ୍ଦି ନାହାନ୍ତି। ତାଙ୍କ ପରି କେହି ଜଣେ ନାହିଁ ଯେ, ତାଙ୍କ ସହିତ ସମକକ୍ଷ ହେବ। ସେ ଯଥାର୍ଥରେ ଏ ଜାତିର ଗର୍ବ ଓ ଗୌରବ ଏବଂ ଆମ ଉତ୍କଳଗୌରବ ମଧୁସୂଦନ ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**

## ବାଲେଶ୍ୱର ନିୟୁ ମାର୍କେଟରେ ବାସନ୍ତିକ ଦୁର୍ଗାପୂଜା



ବାଲେଶ୍ୱର (ପିଏନ୍)- ଦୀର୍ଘ ୩୪ ବର୍ଷ ଧରି ବାଲେଶ୍ୱର ସହରର ଫାଣ୍ଡୀ ବଜାର ସଂଲଗ୍ନ ନିୟୁ ମାର୍କେଟରେ ମାଆ ବାସନ୍ତି ଦୁର୍ଗାପୂଜା ମହା ଆଡ଼ମ୍ବରରେ ପାଳିତ ହେଉଛି। ବିଗର୍ତ ୨ ବର୍ଷ କରୋନା କଟକଣା ଯୋଗୁଁ ମଣ୍ଡପରେ ମୂର୍ତ୍ତି ସ୍ଥାପନ କରା ନ ଯାଇ କେବଳ ଘଟ ପୂଜା ହେଉଥିଲା। ଯେଉଁଥିରେ କି ୬ ଜଣ ସୀମିତ ଭାବରେ ରହି ପୂଜା ଆରାଧନା କରୁଥିଲେ। ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ଚଳିତ ବର୍ଷ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯିବା ସହ ଶ୍ରୀ ଗଣେଶ, କାର୍ତ୍ତିକେୟ, ମହାଲକ୍ଷ୍ମୀ ଓ ସରସ୍ୱତୀ ମଧ ମେଢ଼ରେ ପୂଜା ପାଉଥିଲେ। ସ୍ଥାନୀୟ ଶ୍ରଦ୍ଧାଳୁମାନେ ଭୋଗ ଡାଲା ଧରି ଶୃଙ୍ଖଳାର ସହ ପୂଜା ଆରାଧନା କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳାର ସହିତ ବ୍ୟବସ୍ଥା କରାଯାଇଥିଲ। ରାସ୍ତାର ୨ ଧାରରେ ଆଲୋକ ସଜ୍ଜା ଓ ଆକର୍ଷଣୀୟ ସ୍ୱାଗତ ତୋରଣ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଫ୍ଲାଇ ଓଭର ବ୍ରିଜ ତଳେ ଥିବା ଦୋକାନ ଭାଙ୍ଗି ଦିଆଯାଇଥିବା ସ୍ଥଳେ ସେସବୁ ସ୍ଥାନରେ ଥିବା ବ୍ୟବସାୟୀ ମଧ ଏଥିରେ ସହଯୋଗର ହାତ ବଢ଼ାଇଥିଲେ। ରାମ ନବମୀରେ ପଣା ବିତରଣ ଓ ବିଜୟା ଦଶମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ଗାଙ୍କର ପୂଜା ମହୋତ୍ସବ ଚାଲିଥିଲା ବେଳେ ବିଭିନ୍ନ ଆଖଡ଼ା ଦଳ ପକ୍ଷରୁ ରାମ ନବମୀ ପାଇଁ ଜୟ ଶ୍ରୀ ରାମ ଧ୍ୱନୀରେ ସହର ବଜାର ପ୍ରକମ୍ପିତ ହୋଇଥିଲା।

## ମୋ ମା'ବିରଜା କ୍ୟାସେଟ୍ ଉନ୍ମୋଚିତ

ଯାଜପୁର (ପିଏନ୍): ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଉପରେ ଆଧାରିତ କ୍ୟାସେଟ ଉନ୍ମୋଚନ ଉତ୍ସବ ସ୍ଥାନୀୟ ବିରଜା ମନ୍ଦିର ପରିସରରେ ମୁକ୍ତିମଣ୍ଡପରେ ବୀଣାପାଣି କଳା ପୀଠ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଦୁଇଟି ଗୀତକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ଗୀତିକାର ପ୍ରଫୁଲ୍ଲ କୁମାର ସେଠିଙ୍କ ଗୀତ ଢ଼ୋରି ଲାଗିଛିକୁ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିପିନବିହାରୀ ସ୍ୱାଇଁ। ସେହିପରି ମା' ବିରଜା ମୋ ମା'ବିରଜା ଗୀତଟିକୁ ସୁନ୍ଦର ଭାବେ ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଲେଖିଛନ୍ତି। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ କରୁଣାକର ଓ ପ୍ରଜ୍ଞା ଏହି ଗୀତ ଗାଇଛନ୍ତି। ଏହି କ୍ୟାସେଟଟିକୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ମା'ବିରଜାଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ମୁକ୍ତିମଣ୍ଡପ ସେବାୟତ ପରିଷଦର ସଭାପତି ପଣ୍ଡିତ ଦେବୀପ୍ରସାଦ ପାଣି, ବରିଷ୍ଠ ସେବାୟତ ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ପୂର୍ବତନ ସାଂସଦ ଅଂଚଳ ଦାସ, ସାହିତ୍ୟିକ ନଟବର ଦାସ, ପ୍ରଶାନ୍ତ ରାଉତରାୟ, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଅଧାପକ ଡକ୍ଟର କୈଳାସ ଚନ୍ଦ୍ର ବେହେରା, ସ୍ଥାନୀୟ କାଉନସିଲର ସୁରେନ୍ଦ୍ର ରଣା, ଡକ୍ଟର ସତ୍ୟରଂଜନ ପତି, ନୃତ୍ୟ ନିର୍ଦ୍ଦେଶକ ରାଜନାରାୟଣ ପଣ୍ଡା, ଅଭିନେତ୍ରୀ ରୋଶନ, ଲୋପା, ଇଚ୍ଛାମୟୀ ଧଳ, ଦେବେଶ୍ୱର ସ୍ୱାଇଁ, ସ୍ୱରୀ ରଂଜିତା ପ୍ରମୁଖ ଅଭିନୟ କରିଛନ୍ତି, ଯାହାର ସୁଟିଙ୍ଗ ବିରଜା ମନ୍ଦିର ସମେତ ଯାଜପୁରର ବିଭିନ୍ନ ସ୍ଥାନରେ କରାଯାଉଛି।

# ଜୀବିକା ଯୋଗାଇଛି ମହୁଲ ଫୁଲ, ରୋଜଗାରର ମାଧ୍ୟମ ପାଲଟିଛି ଜଙ୍ଗଲଜାତ ଦ୍ରବ୍ୟ



ଯୋଡା (ପିଏନ୍): **(ଯୋଡାରୁ ସରୋଜିନୀ ଶତପଥି):** ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାରେ ରହିଛି ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ। ବନବାସୀଏହି ଜଙ୍ଗଲଜାତ ଦ୍ରବ୍ୟକୁ ବିକ୍ରୀ କରି ନିଜର ଗୁଜରାମ ମେଣ୍ଟାଇ ଥାନ୍ତି । ଆଦିବାସୀଙ୍କ ଜୀବନଜୀବିକା ପାଇଁ ମହୁଲ ସଂଗ୍ରହ କରିଥାନ୍ତି । ଖରାକୁ ଖାତିର ନକରି ପରିବାରର ଛୋଟ ଠାରୁ ବଡ ପର୍ଯ୍ୟନ୍ତ ଦିନରାତି ପରିଶ୍ରମ କରି ମହୁଲ ଫୁଲ ସଂଗ୍ରହ କରୁଛନ୍ତି । ଦେଖିବାକୁ ଗଲେ ଏହି ଆଦିବାସୀମାନେ ପରିଶ୍ରମ ଅନୁଯାୟୀ ସେଭଳି ପ୍ରାପ୍ୟ ପାଉ ନାହାନ୍ତି । ଜୀବନ ଜୀବିକା ସଂଘର୍ଷ କରିଚାଲିଛନ୍ତି ହେଲେ ପରିବାର ପ୍ରତିପୋଷଣ ସେମାନଙ୍କ ପାଇଁ ଦୁର୍ବିସହ ହୋଇ ପଡିଛି । ଆଦିବାସୀମାନେ ଚାଷ ଅପେକ୍ଷା ବନଜାତ ଦ୍ରବ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଏହି ଖରାଦିନରେ ସେମାନେ ମହୁଲ ଫୁଲ, ଶାଳପତ୍ର, ଦାଂକାଠି ସମେତ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଏହି ଖରା କିଛି ମାସରେ ସେମାନେ ବିଶେଷ କରି ମହୁଲ ଫୁଲ ସଂଗ୍ରହ କରି ବେଶ୍ ଦୁଇ ପଇସା ରୋଜଗାର କରିବାରେ ସମର୍ଥ ହେଉଥିଲେ । କିନ୍ତୁ ସେମାନଙ୍କ ବନଜାତ ସାମଗ୍ରୀର ଠିକ୍ ମୂଲ୍ୟ ପାଉନାହାଁନ୍ତି । ବିଶେଷ କରି ମହୁଲ ବ୍ୟବସାୟୀ ମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ଏହି ଗୋଟାଳି ମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନିକ ସ୍ତରରେ ମହୁଲ ସଂଗ୍ରହ ପାଇଁ ସେଭଳି କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ମହୁଲ ଗୋଟାଳିମାନେ ବିଶେଷ ଭାବେ ବ୍ୟାବାସୀୟଙ୍କ ଉପରେ ନିର୍ଭର କରିଥାନ୍ତି । ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବାରୁ ମହୁଲ ଗୋଟାଳିମାନେ ଶୋଷଣର ଶୀକର ହେଉଥିବା ଅଭିଯୋଗ ହେଉଛି । କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପାହାଡି ତଳି ଗ୍ରାମ ଗୁଡିକରେ ବାସ କରୁଥିବା ଅଧିକାଂଶ ମହୁଲ ଫୁଲ ଓ ଫଳ ସଂଗ୍ରହ କରିବା ଏକ ଜୀବିକା କହିଲେ ଆଦୌ ଭୁଲ ହେବନାହିଁ । ଏଭଳି ଅଂଚଳରେ ବିସ୍ତୃତ ଚାଷ ଜମିର ଅଭାବ ଥିବାଯୋଗୁଁ ଲୋକେ ଚାଷ ପ୍ରତି ସେତେଟା ପ୍ରାଧାନ୍ୟ ନଦେଇ ଜୀବନ ଜୀବିକା ପାଇଁ ବଣପାହାଡ ଉପରେ ବହୁଳ ଭାବେ ନିର୍ଭର କରିଥାନ୍ତି । ବଣ ପାହାଡରେ ବିଭିନ୍ନ ପ୍ରକାର ବନ୍ୟ ଜାତୀୟ ଦ୍ରବ୍ୟ ଉପଲବ୍ଧ ହୋଇଥାଏ । ହରିଡା, ବାହାଡା, ଅଁଳା,କାଠ, ବାଉଁଶ ବିଭିନ୍ନ ପ୍ରକାର ଫୁଲ ଓ ଫଳ ସଂଗ୍ରହ କରିବା ପାହାଡି ଅଂଚଳ ଅଧିବାସୀଙ୍କ ନିତିଦିନିଆ କାମ । ଏହା ସେମାନଙ୍କର ଜୀବନ ଜୀବୀକାରେ ସହାୟକ ହୋଇଥାଏ । ଏସବୁ ବନଜାତ ଦ୍ରବ୍ୟକୁ ଲୋକେ ନିକଟସ୍ଥ ହାଟ ବଜାରରେ ବିକ୍ରୟ କରି ଅର୍ଥ ସଂଗ୍ରହ କରିଥାନ୍ତି । ସେଥିମଧ୍ୟରୁ ପାହାଡି ଇଲାକାରେ ମହୁଲ ନାମ ବୃକ୍ଷ ବହୁ ପରିମାଣରେ ଦେଖାଯାଏ । ଏହି ଗଛର କାଠ ଯେତିକି ମୂଲ୍ୟବାନ ତାର ଫୁଲ ଓ ଫଳ ସେତିକି ମୂଲ୍ୟଯୁକ୍ତ । ବସନ୍ତ ଋତୁ ବେଳକୁ ମହୁଲ ଗଛରେ ପେନ୍ଥା ପେନ୍ଥା ଇଷତ ହଳଦିଆ ରଙ୍ଗର ଫୁଲ ହୁଏ । ଫୁଲ ଫୁଟିଗଲା ପରେ ତାହା ଭୂମି ଉପରକୁ ଖସିପଡେ । ଏହାକୁ ଲୋକେ ସଂଗ୍ରହ କରି ଘରେ ରଖନ୍ତି । ମହୁଲ ଫୁଲ ସଂଗ୍ରହ କରିବାର ଉପଯୁକ୍ତ ସମୟ ହେଲା ବଡି ଭୋରରୁ ଦିନ ୧୧ଟା ଯାଏଁ । ମହୁଲ ସଂଗ୍ରହକାରୀ ଗଛ ମୂଳକୁ ସଫା କରିବା ଉଦ୍ଦେଶ୍ୟରେ ପ୍ରଥମେ ନିଆଁ ଲଗାଇ ଗଛ ତଳେ ପଡିଥିବା ପତ୍ର ଲଟାବୁଦା ପୋଡି ପକାନ୍ତି । ଏହା ସହିତ ଗଛର ବକଳକୁ ଗୋଲ କରି ଚାଂଛି ଦିଅନ୍ତି । ଏହାଦ୍ୱାରା ମହୁଲ ଫୁଲ ଶୀଘ୍ର ପରିପକ୍ୱ ହଇ ତଳେ ବିଛାଡି ହୋଇ ପଡିଥାଏ । ମହୁଲ ଫୁଲ ସଂଗ୍ରହରୁ ଯେତିକି ଲାଭ ପାଇବା ପରେ ଗଛର ଫଳ ମଧ ଲୋକେ ସଂଗ୍ରହ କରନ୍ତି । ଏହାର ଫଳକୁ ଟୋଲ କୁହାଯାଏ । ମହୁଲକୁ ଲୋକେ ସୁଖାଇ ବିକ୍ରୀ କରିବା ସହ ଖାଦ୍ୟ ରୂପେ ମଧ ବ୍ୟବହାର କରିଥାନ୍ତି । କେହି କେହି ନିଜ ଘରେ ମହୁଲ ମଦ ପ୍ରସ୍ତୁତି କରି ସେବନ କରିବା ଦେଖାଯାଏ । ସେହିପରି ସେମାନେ ଟୋଲକୁ ବିକ୍ରୀ କରି ଅର୍ଥ ରୋଜଗାର କରିଥାନ୍ତି । ଟୋଲରୁ ଟୋଲତେଲ ହୁଏ ଏବଂ ଏହି ତେଲରୁ ସାବୁନ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି ହୋଇଥାଏ । ମହୁଲ ଫଳ ଏପରିକି ପଶୁପକ୍ଷୀ,କୀଟପତଙ୍ଗ ଓ ସରୀସୃପ ସଭିଙ୍କର ପ୍ରିୟ ଖାଦ୍ୟ । ଅପରପକ୍ଷେ ମହୁଲ ଗଛ ତଳେ ନିଆ ଲଗାଇବା ଦ୍ୱରା ଅନେକ ବନ୍ୟ ଜୀବଜନ୍ତୁ ମୃତ୍ୟୁବରଣ କରିବା ସହ ଅନେକ ଛୋଟ ଛୋଟ ବକ୍ଷଲତା ନଷ୍ଟ ହେବାର ସମ୍ଭାବନା ଥାଏ । ଏସବୁ ସତ୍ତ୍ୱେ ମନୁଷ୍ୟ ମହୁଲ ଫୁଲ ଓ ଫଳକୁ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ତେବେ ମହୁଲ ଫୁଲ ଓ ଫଳକୁ ସରକାର ଲଘୁ ବନଜାତ ଦ୍ରବ୍ୟ ତାଲିକାଭୁକ୍ତ କରିଥିବା ବେଳେ ଏହାର ବିକ୍ରୟ ପାଇଁ ଉପଯୁକ୍ତ ବ୍ୟବସ୍ଥା ନକରିବା ଦୁର୍ଭାଗ୍ୟ ଜନକ ।କାରଣ ବୁଲା ବେପାରୀମାନେ ପାହାଡିଆ ଅଂଚଳ ଗ୍ରାମକୁ ଯାଇ ଶସ୍ତା ଦରରେ ମହୁଲ କିଣିନେଇ ବଜାରରେ ଚଢା ଦରରେ ବିକ୍ରୟ କରନ୍ତି । ଫଳରେ ଗରିବ ଲୋକେ ଯେଉଁ ମହୁଲଫୁଲ ଓ ଫଳ ସଂଗ୍ରହ କରିଥାନ୍ତି ତାର ପରିଶ୍ରମର ଉଚିତ୍ ମୂଲ୍ୟ ପାଇପାରନ୍ତି ନାହିଁ । ଏଣୁ ଏଥିପ୍ରତି ପଂଚାୟତରେ ଏକ ମହୁଲ ମଣ୍ଡି କରାଗଲେ ସଂଗ୍ରହକାରୀ ଏହାକୁ ବିକ୍ରୟ କରି ବେଶ ଲାଭ ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି ।

## ଏଟିଏମ୍ ମେସିନ୍ ଭାଙ୍ଗିଦେଲେ ଦୁର୍ବୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅଂର୍ଗତ ଜାରକା ବିରଜା ମାର୍କେଟ୍‌ରେ ଥିବା ଆକ୍ସିସ୍ ବ୍ୟାଙ୍କ୍ ଏଟିଏମ୍ ମେସିନ୍‌କୁ ଦୁର୍ବୃତମାନେ ବିଳମ୍ବିତ ରାତିରେ ଭାଙ୍ଗି ଦେଇଛନ୍ତି । ଚୋରମାନେ ଏଟିଏମ୍ ମେସିନ୍ ଭାଙ୍ଗି ଟଙ୍କା ଲୁଟି ନେବାକୁ ଉଦ୍ୟମ କରିଥିଲେ । ତେବେ ଏହି ପ୍ରକ୍ରିୟା ବିଳମ୍ବ ହେବା ସହିତ ଭୋର ୪ଟା ହୋଇଯିବାରୁ କଂପ୍ଲେକ୍ସର ଝାଡୁଦାର ବାପିନା ବେହେରା ପହଞ୍ଚି ଯାଇଥିଲେ । ସେ ଏହାକୁ ବିରୋଧ କରିବାରୁ ଜଣେ ଦୁର୍ବୃତ ତାଙ୍କୁ ଧକ୍କାମାରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଫଳରେ ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ ବିଫଳ ହୋଇଥିବା ଜଣାପଡ଼ିଛି । ଖବର ପାଇ ପୁଲିସ୍ ଏଠାରେ ପହଞ୍ଚି ସିସି କ୍ୟାମେରା ଯାଞ୍ଚ କରିବା ସହିତ ଘଟଣାର ତଦଂ କରିଥିଲା । ଜଣେ ଦୁର୍ବୃତ ଏଟିଏମ୍ ମେସିନ୍ ଭାଙ୍ଗୁଥିବା ଜଣାପଡ଼ିଛି । ଅନ୍ୟ ସହଯୋଗୀ ଦୂରରେ ରହିଥିବାରୁ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ଅନୁମାନ କରାଯାଇଛି । ତେବେ ସେଦିନ ଛୁଟିଥିବାରୁ ଏଟିଏମ୍‌ରୁ ଟଙ୍କା ଲୁଟ୍ ହୋଇଛି କି ନାହିଁ ଜଣାପଡ଼ିନାହିଁ । ଏଠାରୁ ୧୦୦ମିଟର ଦୂରରେ ଜାରକା ପୁଲିସ୍ ବିଟ୍ ହାଉସ୍ ଥିବା ବେଳେ ଏହା ଲୁଟେରାଙ୍କ ଉପରେ କୌଣସି ପ୍ରଭାବ ପକାଇନାହିଁ । ଏପଟେ ରାତ୍ର ଜଗୁଆଳୀ ବ୍ୟବସ୍ଥା ନଥିବାରୁ ଜାରକା ବଜାରରେ ଥିବା ଏଟିଏମ୍‌ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ରହିଛି । ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।

## ରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଉତ୍ସବ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀସ୍ଥିତ ତଳସାହିରେ ରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଉତ୍ସବର ଆୟୋଜନ କରାଯାଇଥିଲା। ଏ ନେଇ ପବିତ୍ର ରାମ ନବମୀ ଠାରୁ ନଅଦିନ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟାରେ ରାମ ଜନ୍ମ ଠାରୁ ଆରମ୍ଭ କରି ରାଜ୍ୟାଭିଷେକ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଶେଷ ଦିନରେ ରାବଣ ପୋଡି ଉତ୍ସବ ସହିତ ଭୁବନେଶ୍ୱରର ଶିଳ୍ପୀକା, ଦୟାଳ ଡ୍ୟାନ୍ସ ଏକାଡେମୀ, ପୁରୀର ରଙ୍ଗଶାଳା ଓ ଆତସବାଜୀ କାର୍ଯ୍ୟକ୍ରମ ସହିତ ଏକ ବିଶେଷ ଅତିଥିଙ୍କ ସଭାର କାର୍ଯ୍ୟକ୍ରମ ରହିଥିଲା ବୋଲି ଆୟୋଜକମାନେ ଜଣାଇଥିଲେ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଜାନୁଆରୀ ୧୫

# ନୂଆବର୍ଷ ଏକ ଅତୀତ ଆକଳନ


ଉମାଶଙ୍କର ପ୍ରସାଦ

ବିଦାୟ ନେଉଛି ଇଂରାଜୀ ୨୦୨୨ । ମାତ୍ର ଗୋଟିଏ ସଂଖ୍ୟାର ପରିବର୍ତ୍ତନରେ ମଣିଷ ମନରେ କେତେ ନୂଆ, ନୂଆ ଆଶା, ଉଦ୍ଦିପନା ଉଙ୍କି ମାରିଛି । ବିଗତ ବର୍ଷର ସୁଖ, ଦୁଃଖ, ଘଟଣ, ବିଘଟଣ, ସମ୍ବାଦ ଓ ଦୁସମ୍ବାଦ ଏପରି ଅନେକ ରୋମାଂଚକାରୀ ବିଷୟ , ତିକ୍ତ ତଥା ମଧୁର ଅନୁଭୂତି କାଳର କରାଳ ଗର୍ଭରେ ଲୀନ ହେବା ସହ ମନରୁ ମଧ ଧିରେ ଧିରେ ଭୁଲିବାକୁ ଯାଉଛି । ତା ସ୍ଥାନରେ ନୂତନ ବର୍ଷ ତାର ଏକ ନୁଆ ଆଶା, ସ୍ୱପ୍ନ ତଥା ସମ୍ଭାବନା ସହ ନବାଲୋକ ନେଇ ଆସିବାକୁ ଯାଉଛି । ସମୟ ଚକ୍ରର ଗତି ଏକମାତ୍ର ଅପରିବର୍ତ୍ତନୀୟ । ଏହି ନିୟମକୁ ସ୍ୱୟଂ ବିଧାତା ମଧ ଲଂଘିବାର ସାହସ କରନ୍ତିନାହିଁ । କଥାରେ ଅଛି " ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନିଚ ସୁଖାନିଚ" ଏହି ନ୍ୟାୟରେ ପୁଣିଥରେ ସମୟ ତାର ପଟ୍ଟ ପରିବର୍ତ୍ତନ କରୁଛି ଓ ଦୁଃଖର ସମୟ ଅପସରି ଯାଉଛି, ମଣିଷ ମନରେ ଉଦ୍ରେକ ହେଉଛି ଏକ ନୂଆ ଆଶା ତଥା ଉଦ୍ଦିପନା । ମାନବ ସମାଜ ଅନାଇ ବସିଥାଏ ସେହି କ୍ୟାଲେଣ୍ଡର ର ସଂଖ୍ୟା ପରିବର୍ତ୍ତନକୁ, ସତେ ଯେମିତି ନୂଆ ବର୍ଷ ଆସିଲେ ବିରାଟ ପରିବର୍ତ୍ତନ ଆସିବ ! ତେବେ ଏ ପ୍ରକ୍ରିୟା ଆଜିକାର ନୁହେଁ । ଏ ସମୟର ଚକ ଅହର୍ନିଶି ଘୁରି ଚାଲିଛି । ମାତ୍ର ଆଜିକାର ପିଢୀ ମାନଙ୍କ ମନରେ ପ୍ରଶ୍ନ ଉଠୁଛି, ଏ ନୂଆବର୍ଷ ର ପରିକଳ୍ପନା କେବେକାର ? କେବେଠୁ ଆରମ୍ଭ ହୋଇଛି ଏହି ନୂତନ ବର୍ଷ ପାଳନର ବିଧି ? । ସମଗ୍ର ବିଶ୍ୱବାସୀ କ'ଣ ଏହି ଜାନୁଆରୀ ପହିଲାକୁ ନୂତନ ବର୍ଷ ଭାବେ ପାଳନ କରନ୍ତି ? ଏହି ଇଂରାଜୀ ନବ ବର୍ଷ ସହ ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାର କିଛି ସମ୍ପର୍କ ରହିଛି କି ? ଏହି ଲେଖା ମାଧ୍ୟମରେ ଏହାର ସମ୍ୟକ ଉତର ଖୋଜିବାକୁ ଏ ଲେଖକ ପ୍ରୟାସ କରିଛି । ଇତିହାସ ପୃଷ୍ଠା ଓଲଟାଇଲେ ଜଣାପଡେ ନୂଆବର୍ଷ ପାଳନ କରିବାର ପରମ୍ପରା ପ୍ରାୟ ଚାରିହଜାର ବର୍ଷର ପୁରୁଣା । କିନ୍ତୁ ଜାନୁଆରୀ ଏକ ତାରିଖକୁ ନୂଆବର୍ଷ ଭାବେ ପାଳନ କରିବା ପଛରେ କୌଣସି ଭୌଗଳିକ କାରଣ ନାହିଁ । ଏହି ସମୟରେ ଗ୍ରହ, ନକ୍ଷତ୍ର ଙ୍କ ସେପରି କିଛି ପରିବର୍ତ୍ତନ ହୋଇନଥାଏ । ଜାନୁଆରୀ ୧ କୁ ନୂତନ ବର୍ଷ ଭାବରେ ପାଳନ କରିବା ଏକ ମାନବୀୟ ସିଦ୍ଧାନ୍ତ । ଗ୍ରେଗୋରିଆନ କ୍ୟାଲେଣ୍ଡର ଏବଂ ଜୁଲିୟସ ସିଜରଙ୍କ ଦ୍ୱାରା ପ୍ରଚଳିତ ଜୁଲିଆନ କ୍ୟାଲେଣ୍ଡର ଅନୁସାରେ 'ଜାନୁଆରୀ' ହେଉଛି ବର୍ଷର ପ୍ରଥମ ମାସ । ପ୍ରାଚୀନ ରୋମରେ ଦ୍ୱାରପାଳ ଦେବତା ବା ଅୟାରମ୍ଭ ଦେବତା ଭାବେ ପୂଜିତ 'ଜାନୁସଙ୍କ' ନାମ ଅନୁସାରେ ଏହି ପ୍ରଥମ ମାସର ନାଁ ହୋଇଛି 'ଜାନୁଆରୀ' । କିମ୍ବଦନ୍ତୀ ଅନୁସାରେ ଜାନୁସଙ୍କ ମସ୍ତକରେ ଦୁଇଟି ବିପରୀତ ଦିଗରେ ଦୁଇଟି ମୁହଁ ରହିଛି । ଗୋଟିଏ ମୁହଁ ଅତୀତକୁ ଅନାଇ ରହିଥିଲା ବେଳେ ଅନ୍ୟଟି ଭବିଷ୍ୟତକୁ ଦୃଷ୍ଟି ନିକ୍ଷେପ କରିଛି । ତେଣୁ ଅତୀତ ଓ ଭବିଷ୍ୟତକୁ ଯୋଡିଥିବା ସନ୍ଧିକ୍ଷଣ ହେଉଛି 'ଜାନୁଆରୀ' । ସେଥିପାଇଁ ଜାନୁଆରୀ ପହିଲାକୁ ନୂଆବର୍ଷ ରୂପରେ ପାଳନ କରାଯାଉଛି । ଅନ୍ୟ କେତେକ ବିଶେଷଜ୍ଞ ଙ୍କ ମତରେ, ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଡିସେମ୍ବର ୨୨ ରେ ସୂର୍ଯ୍ୟଙ୍କ ଦକ୍ଷିଣ ଅୟନାନ୍ତ ହୋଇଥାଏ । ଏହି ଦିନ ସବୁଠୁ ଲମ୍ବାରାତି ଓ ଦିନ ଛୋଟ ହୋଇଥାଏ । ଏହାର କାରଣ ଉତ୍ତର ମେରୁ ସୂର୍ଯ୍ୟଙ୍କଠାରୁ ଅଧିକ ଦୂରତ୍ୱରେ ଥାଏ । ଏହା ପରେ ହିଁ କ୍ରମଶଃ ଦିନ ଲମ୍ବା ହେବାର ପ୍ରକ୍ରିୟା ଆରମ୍ଭ ହୁଏ ଏବଂ ସୂର୍ଯ୍ୟ ଶକ୍ତି କାରଣରୁ ମଣିଷ ଭିତରେ ଅଧିକ ସ୍ଫୁର୍ତ୍ତି ଓ କ୍ରିୟାଶୀଳତା ଅନୁଭୂତ ହୁଏ । ଫଳସ୍ୱରୂପ ସାମାଜିକ, ସାଂସ୍କୃତିକ ଜୀବନ ଅଧିକ ଜୀବନ୍ତ ହୋଇଉଠେ । କୃଷିକ୍ଷେତ୍ରରେ କାର୍ଯ୍ୟପାଇଁ ମଣିଷ ଆଗଭର ହୋଇଥାଏ । ପରେ ପରେ ଜାନୁଆରୀ ୧୪ ବେଳକୁ ମକର ସଂକ୍ରାନ୍ତି ର ଆଗମନ ହୋଇଥାଏ ଏବଂ ସୂର୍ଯ୍ୟ ଙ୍କ ଉତ୍ତରାୟଣ ଆରମ୍ଭ ହୁଏ । ତେଣୁ ସୂର୍ଯ୍ୟଙ୍କ ଏହି ପରିବର୍ତ୍ତନ ଯୋଗୁ ହିଁ ଜାନୁଆରୀ ପହିଲାକୁ "ନୂଆବର୍ଷ" ଭାବେ ପାଳନ କରାଯାଏ । ଅନ୍ୟପକ୍ଷରେ ମାର୍ଚ୍ଚ ୨୧ ରେ ଆସେ ସମଦିବସ । ଏହି ଦିନ ରାତି ଓ ଦିନ ସମାନ ରହିଥାଏ ।

ସବୁଠାରୁ ପ୍ରାଚୀନ ନୁଆବର୍ଷ ପାଳନର ଇତିହାସ କହେ ଏହା ପ୍ରଥମେ ବେବିଲୋନୀୟ ସଭ୍ୟତାରେ ପ୍ରାୟ ୪୦୦୦ ବର୍ଷ ତଳେ ଆରମ୍ଭ ହୋଇଥିଲା । ବସନ୍ତର ସମଦିବସରେ ( ମାର୍ଚ୍ଚ-୨୧ ) ଆସୁଥିବା ପ୍ରଥମ କୃଷ୍ଣ ପ୍ରତିପଦାରେ ବେବିଲୋନୀୟମାନେ ଏକ ଧର୍ମୀୟ ଉତ୍ସବର ଆୟୋଜନ କରନ୍ତି । ଏହି ଉତ୍ସବର ନାମ 'ଆକିଟୁ' । ସୁମେରୀୟ ଭାଷାରେ ଆକିଟୁର ଅର୍ଥ ବାର୍ଲି । କୃଷିକ୍ଷେତ୍ରରୁ ଏହି ସମୟରେ ବାର୍ଲି ଅମଳ କରାଯାଏ । ତା ପରେ ଲୋକମାନେ ଆନନ୍ଦର ସହିତ ନୂଆବର୍ଷ ପାଳନରେ ମଜ୍ଜି ଯାଇଥାନ୍ତି । ଏହା ବେବିଲୋନୀୟ ମାନଙ୍କ ଆକାଶ ଦେବତା 'ମାର୍ଡୁକଙ୍କ' ସାଗର ଦେବୀ 'ଟିଆମତଙ୍କ' ବିପକ୍ଷରେ ଏକ ବିରାଟ ବିଜୟ ଭାବେ ବିବେଚନା କରାଯାଏ । ସେଥିପାଇଁ ଏହି ଦିନ ବେବିଲୋନୀୟ ସାମ୍ରାଜ୍ୟର ରାଜାଙ୍କ ଚୟନ କରାଯାଇ ପୁନଃ ଅଭିଷେକ କରାଯାଏ । ସବୁଠୁ ପୁରୁଣା ରୋମାନ କ୍ୟାଲେଣ୍ଡରରେ ବର୍ଷରେ ମାତ୍ର ୧୦ ମାସ ଥିଲା । ରୋମର ପ୍ରତିଷ୍ଠାତା ରୋମୁଲସ ଏହାକୁ ଆରମ୍ଭ କରିଥରଲେ । ତେଣୁ ମାର୍ଚ୍ଚରେ ହିଁ ପାଲିତ ହେଉଥିଲା ନୂଆବର୍ଷ । କିନ୍ତୁ ପରବର୍ତ୍ତୀ ସମୟରେ ଏହାର ଆରମ୍ଭରେ ଜାନୁଆରୀ ଓ ଫେବୃଆରୀ ଯୋଡିହେଲା । ଯାହାଫଳରେ ମାର୍ଚ୍ଚ ପରିବର୍ତ୍ତେ ଜାନୁଆରୀ ପାଲଟିଲା ପ୍ରଥମମାସ । ଏବଂ ଜାନୁଆରୀ ପହିଲା ହେଲା ପ୍ରଥମ ଦିନ । କ୍ୟାଲେଣ୍ଡରେ ଅସଙ୍ଗତି ଦୁର କରିବା ପାଇଁସମ୍ରାଟ ଜୁଲିୟସ ସିଜର ଖ୍ରିଷ୍ଟପୂର୍ବ ୪୬ ରେ ପ୍ରଚଳନ କରିଥିଲେ 'ଜୁଲିଆନ' କ୍ୟାଲେଣ୍ଡର, ଯାହାକି ଆଜିର ଆଧୁନିକ ଗ୍ରେଗୋରିଆନ କ୍ୟାଲେଣ୍ଡର ସହ ପ୍ରାୟ ସମାନ । ଜୁଲିୟସ ସିଜର ହିଁ ଜାନୁଆରୀ ୧ ତାରିଖକୁ ନୂଆବର୍ଷ ରୂପେ ପ୍ରତିଷ୍ଠା କରିଥିଲେ । ୧୫୮୨ ମସିହାରୁ ବିଶ୍ୱର ପ୍ରାୟ ଅଧିକାଂଶ ଦେଶ ଜାନୁଆରୀ ୧ ତାରିଖକୁ ନୂଆବର୍ଷ ଭାବେ ପାଳନ କରୁଛନ୍ତି ।

ଭାରତୀୟ ପଞ୍ଜିକା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦା ହଉେଛି ବର୍ଷର ପ୍ରଥମ ଦିନ । ତେଣୁ ଏହି ଦିନକୁ ଭାରତୀୟ ନବବର୍ଷ ବା ହିନ୍ଦୁ ନବବର୍ଷ ଭାବେ ପାଳନ କରାଯାଏ । ବ୍ରହ୍ମ ପୁରାଣ ଅନୁସାରେ, "ଚୈତ୍ର ମାସେ ଜଗତ୍ ବ୍ରହ୍ମ ସମଗ୍ରେ ପ୍ରଥମେଅନୀ—ଶୁକ୍ଳପେକ୍ଷ ସମଗ୍ରେତୁ ସଦା ସୂର୍ଯୋଦୟେ ସତି" । ଚୈତ୍ର ଶୁକ୍ଳ ପ୍ରତିପଦାକୁ ଭାରତୀୟ ନବବର୍ଷ ଭାବେ ଖ୍ରୀଷ୍ଟର୍ପର୍ବ ୫୭ ରେ ସମ୍ରାଟ ବିକ୍ରମାଦିତ୍ୟ ପ୍ରଚଳନ କରିଥିଲେ । ତେଣୁ ଏହାକୁ ବିକ୍ରମ ସମ୍ବତ୍ ବା ବିକ୍ରମ ସମ୍ବତ୍ସର ଭାବରେ ଅଭିହିତ କରାଯାଏ । ଋତୁରାଜ ବସନ୍ତର ଆଗମନରେ ସମଗ୍ର ବସୁଧା ପ୍ରକୃତିର ଅପରୁପ ଶୋଭାରେ ଉତ୍ସବ ମୁଖର ଥିବା ବେଳେ ମଧୁମାସ ବା ମଧୁକାଳରେ ଏହି ହିନ୍ଦୁ ନବବର୍ଷ ପାଳନ କରାଯାଏ । ମାତ୍ର ଆମ ଓଡିଶା ବାସୀ ପ୍ରତିବର୍ଷ ବୈଶାଖର ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିକୁ ନୂଆବର୍ଷ ଭାବରେ ପାଳନ କରିଥାନ୍ତୀ । ପ୍ରାୟତ ଏପ୍ରିଲ ୧୪ ତାରିଖରେ ପଡୁଥିବା ଏହି ପର୍ବ କେବଳ ଓଡିଆଙ୍କ ନୂଆବର୍ଷନୁହେଁ, ଏହା ତାମିଲ ମାନଙ୍କ 'ପୁଥାଣ୍ଡୁ' ବା ନୂଆବର୍ଷ, ବଙ୍ଗାଳୀଙ୍କ 'ପହେଲା ବୈଶାଖ' ଓ ଆସାମରେ 'ବୋହାଗ'ଭାବେ ପାଳନ କରା ଯାଇଥାଏ । ଏହି ଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଅନେକ ଏହାକୁ ନବ ବର୍ଷ ଭାବେ ପାଳନ କରିଥାନ୍ତି । ତେବେ ଆସନ୍ତୁ ଆମେ ଆଜି ସମସ୍ତେ ସମସ୍ୱରରେ ଶପଥନେବା ଆମ ମନରୁ ଅସୂୟାଭାବ ପରିତ୍ୟାଗ କରି "ସର୍ବେ ଭବନ୍ତୁ ସୁଖୀନଃ , ସର୍ବେସନ୍ତୁ ନିରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତ ମା କଶ୍ଚିତ ଦୁଃଖ ଭାକ୍ ଭବେତ"ର ଉଦାତ ମନ୍ତ୍ରରେ ସମାଜର ତଥା ରାଜ୍ୟର , ଦେଶର ସର୍ବବିଧ କଲ୍ୟାଣ କାମନାକରି କୋଟିଓଡିଆର ମଉଡମଣି ଜଗନ୍ନାଥ ଙ୍କ ପାଦରେ ଭକ୍ତି ନୈବେଦ୍ୟ ଅର୍ପଣ କରିବା । ଏହି ନବବର୍ଷ ସମସ୍ତିଙ୍କ ପାଇଁ ଶୁଭଙ୍କରୀ ହେବାସହିତ ଉପୁଜିଥିବା ବିଭିନ୍ନ ସମସ୍ୟାରୁ ବିଶ୍ୱବାସୀ ଅଚିରେ ମୁକ୍ତିଲାଭ କରନ୍ତୁ ।

ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ଗର୍ବ ଓ ଗୌରବ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ହକିର ଏନ୍ତୁଡିଶାଳ ଭାବେ ପରିଚିତ ଓଡିଶାର ଆଦିବାସୀ ଅଧୁଷିତ ଜିଲ୍ଲା ସୁନ୍ଦରଗଡ ଜିଲ୍ଲା, ଯେଉଁଠି ଗ୍ରାମ୍ୟ ହକି ଟୁର୍ଣ୍ଣାମେଂଟ 'ଛେଳି' କୁକୁଡାକୁ ଟ୍ରଫି ଭାବେ ବ୍ୟବହାର କରାଯାଉଥିଲା । ଏବେ ଜିଲ୍ଲାର ଇସ୍ପାତ ନଗରୀ ତଥା ରାଜ୍ୟର ଦ୍ୱିତୀୟ ସ୍ମାର୍ଟ ସିଟି ରାଉରକେଲା ସହ ରାଜଧାନୀ ତଥା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ଭୁବନେଶ୍ୱରରେ ବିଶ୍ୱକପ୍ ହକି-୨୦୨୩ ମହାକୁମ୍ଭ ଅନୁଷ୍ଠିତ ହେବା ନିଶ୍ଚିତ ଭାବେ ଜନସାଧାରଣଙ୍କ ପାଇଁ ଗର୍ବ ଓ ଗୌରବ । କେବଳ ଏତିକି ନହେଁ ହକି ମହାକୁମ୍ଭ ଓଡିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଧାମ ଭାବେ ଓଡିଶା ବିଶ୍ୱରେ ପରିଚିତ ଥିବାବେଳେ ଏବେ ହକି'ର ଦୁର୍ଗ ଭାବେ ଓଡିଶାକୁ ବିଶ୍ୱ ଦରବାରରେ ବିଶ୍ୱକପ୍ ହକି ମହାକୁମ୍ଭ ପରିଚିତ କରାଇପାରିଛି ବୋଲି କହିଲେ ଅତିରଂଜିତ ହେବ ନାହିଁ । ବିଶ୍ୱକପ୍ ହକି ଇତିହାସର ୫୨ବର୍ଷ ମଧ୍ୟରେ ବିଶ୍ୱରେ ପ୍ରଥମ ରାଷ୍ଟ୍ର ଭାବେ ଭାରତର ଏକମାତ୍ର ରାଜ୍ୟ ଓଡିଶା କ୍ରମାଗତ ଦୁଇଟି ମହାକୁମ୍ଭ ଆୟୋଜିତ କରାଇବାରେ ସମର୍ଥ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ବିଶ୍ୱକପ୍ ହକି କେବଳ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବାବେଳେ ୨୦୨୩ରେ ରାଜ୍ୟର ଦୁଇଟି ସହରରେ ଆୟୋଜିତ କରାଇ ଅନ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗୀତା ସହ ଏହାକୁ ସମକକ୍ଷ କରି ଓଡିଶା ସରକାର ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରିଛନ୍ତି ବୋଲି କୁହାଯାଇପାରିବ । ପୂର୍ବରୁ ବିଶ୍ୱକପ୍ ହକି ବିଭିନ୍ନ ରାଷ୍ଟ୍ରର ଗୋଟିଏ ମାତ୍ର ସହରରେ ଆୟୋଜିତ ହୋଇଥିବା ନଜୀର ରହିଛି । ଅତୀତରେ ୧୯୮୨ରେ ବିଶ୍ୱକପର ପଂଚମ ସଂସ୍କରଣ ଭାରତର ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ବେଳେ ୨୦୧୦ରେ ଦିଲ୍ଲୀରେ ଆୟୋଜିତ ହୋଇଥିଲା । ୨୦୧୮ରେ ଚର୍ତୁଦଶତମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହେଉଥିବାବେଳେ ଏବେ ପଂଚଦଶ ବିଶ୍ୱକପ୍ ହକି ରାଜ୍ୟରେ ଦୁଇଟି ସହରରେ ଅନୁଷ୍ଠିତ ହେଉଛି । ଶୁକ୍ରବାର ଦୁଇଟି ସହରରେ ଏକ ସମୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଛି । ଚଳିତ ବିଶ୍ୱକପରେ ୧୬ଟି ଦଳ ଭାଗ ନେଇଥିବା ବେଳେ ୨୯ତାରିଖି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ତେବେ ସବୁଠାରୁ ଆକର୍ଷଣୀୟ ହୋଇଛି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ । ଯାହାକି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଶ୍ୱସ୍ତରୀୟ ହୋଇପାରିଛି ବୋଲି କୁହାଯାଇପାରିବ । ତେବେ ଏସବୁ କେବଳ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ଇଚ୍ଛାଶକ୍ତି ଯୋଗୁଁ ସମ୍ଭବ ଓ ସାକାର ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାତୀୟ ହକି ଟିମର ପୃଷ୍ଠପୋଷକତାକୁ ସାହାରା ଓ ହାରିଯିବା ପରେ ଦିଗହରା ହୋଇପଡିଥିବା ପୁରୁଷ ଟିମକୁ ଓଡିଶା ସରକାର ଆଗାମୀ ଏକ ଦଶନ୍ଧି ପର୍ଯ୍ୟନ୍ତ ପୃଷ୍ଠପୋଷକ ଭାବେ ଗ୍ରହଣ କରିଛନ୍ତି । କେବଳ ପୁରୁଷ ଟିମ ନୁହେଁ, ମହିଳା ଟିମକୁ ମଧ ଗ୍ରହଣ କରିଛନ୍ତି । ଏନ୍ତୁଡିଶାଳାରେ ହକିର ବିକାଶ ପାଇଁ ରାଜ୍ୟ ସରକାର ୨୬୦କୋଟି ଟଙ୍କାର ବ୍ୟୟର ସର୍ବବୃହତ ହକି ଷ୍ଟାଡିୟମ ଶହୀଦ୍ ବିର୍ସାମୁଣ୍ଡାଙ୍କ ନାମରେ ନିର୍ମାଣ କରିଛନ୍ତି । ଯେଉଁଥିରେ ୨୦୦୦ ଦର୍ଶକ ବସିବା ବ୍ୟବସ୍ଥା ଥିବାବେଳେ ପଂଚତାରକା ହୋଟେଲରେ ସୁବିଧା, ସୁଯୋଗ ଥିବା ୨୨୫ଟି କୋଠରୀ ରହିଛି । ସେହି ସ୍ୱଳ୍ପ ସମୟ ମଧ୍ୟରେ ରାଉରକେଲା ସହରକୁ ଭୁବନେଶ୍ୱରରୁ ବିମାନ ଉଡାଣ ଆରମ୍ଭ କରିଛନ୍ତି । ମହାମାରୀ କରୋନା ଏ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଥିଲାବେଳେ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଦୃଢ ଇଚ୍ଛାଶକ୍ତି ନିକଟରେ ସବୁ ବାଧାବିଘ୍ନ ହାରମାନିଛି ବୋଲି କୁହାଯାଇପାରେ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଜାତୀୟ ପୁରୁଷ ହକି ଟିମର ଓଡିଶା ସରକାର ପୃଷ୍ଠପୋଷକ ହେବାପରେ ଦୀର୍ଘ ୪ଦଶନ୍ଧି ପରେ ପ୍ରଥମ ଥର ପାଇଁ ୨୦୨୧ ଟୋକିଓ ଅଲମ୍ପିକରେ ବ୍ରୋଂଚ ପଦକ କରି ଦେଶର ଗୌରବ ବଢାଇଛି । ସେହିପରି ଜାତୀୟ ମହିଳା ହକି ଟିମ ଟୋକିଓ ଅଲମ୍ପିକରେ ଅଳ୍ପକେ ବ୍ରୋଂଚ ପଦବୀରୁ ବଂଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲା । ଉଲ୍ଲେଖଯୋଗ୍ୟ ଯେ, ୧୮୬୦ ଦଶକରେ ଖ୍ରୀଷ୍ଟିୟାନ ମିଶନାରୀମାନେ ପ୍ରଥମେ ସୁନ୍ଦରଗଡରେ ହକି କ୍ରୀଡା ପ୍ରବେଶ କରାଇଥିଲେ । ଏହା ପରଠାରୁ ସୁନ୍ଦରଗଡ ଜିଲ୍ଲା ହକି ଖେଳରୁ ପଛରୁ ହଟି ନାହିଁ । ହକି ଷ୍ଟିକ ନଥିବାବେଳ କାଉଁ ଶବାଡିକୁ ସେମାନେ ହକି ଷ୍ଟିକ ଭାବେ ବ୍ୟବହାର କରିଥିଲେ । ହକି ଜିଲ୍ଲାରେ ଏତେ ପ୍ରସାର ଲାଭ କରିଥିଲା ଯେ, ଗାଁ ଗାଁରେ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଆସୁଥିଲା, ଯେଉଁଥିରେ ଛେଳି, କୁକୁଡା ଟ୍ରଫି ଭାବେ ବ୍ୟବହୃତ ହେଉଥିଲା । ଜାତୀୟ ପୁରୁଷ ଓ ମହିଳା ହକି ଟିମକୁ ସୁନ୍ଦରଗଡର ଅବଦାନ ମଧ କିଛି ନୁହେଁ । ଜାତୀୟ ହକି ଟିମରେ ପଦ୍ମଶ୍ରୀ ଦିଲ୍ଲୀପ ତୀର୍କି ନେତୃତ୍ୱ ଦେଇଥିବାବେଳେ ଏବେ ସେ ହକି ଇଣ୍ଡିଆର ସଭାପତି । ହକି ବିଶ୍ୱକପରେ ଏବେ ଉପ-ଅଧିନାୟକ ଅମିତ ରୋହିଦାସ ଥିବାବେଳେ ନିଲାମ ସଂଜୀବ ଖେସତ ଖେଳୁଛନ୍ତି । ଅତୀତରେ ଇଗନେଶ ତିର୍କୀ, ପ୍ରବୋଧ ତିର୍କୀ, ଲାଗାରୁଷ ବାର୍ଲା, ଉଇଲିୟମ ଖାଲକୋ, ବିରେନ୍ଦ୍ରଲାକ୍ରା, ପୁରୁଷ ଟିମରେ ପ୍ରତିନିଧିତ୍ୱ କରିଥିବାବେଳେ ଜାତୀୟ ମହିଳା ଟିମରେ ଜ୍ୟୋତି ସୁନିତା କୁଲୁ, ସୁଭଦ୍ରା ପ୍ରଧାନ, ଦୀପଗ୍ରେସ ଏକ୍କାଙ୍କ ୧୭ଜଣ ପ୍ରତିନିଧିତ୍ୱ କରିଛନ୍ତି । ଅଦ୍ୟାବଧି ସୁନ୍ଦରଗଡ ୧୨,୦୦୦ ଖେଳାଳୀ ଜାତୀୟ ସ୍ତରରେ ଖେଳି ସାରିଥିବାବେଳେ କ୍ରୀଡା କୋଟାରେ ୧୦ହଜାର ନିଯୁକ୍ତି ପାଇଛନ୍ତି । ଓଡିଶା କ୍ରମାଗତ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜନ କରିଥିବାରୁ ରାଜ୍ୟର ଗୌରବ ବଢାଇବାରେ ସହାୟକ ହୋଇଛି । ଏଥିପାଇଁ ରାଜ୍ୟବାସୀ ଗର୍ବିତ । ମହାକୁମ୍ଭର ସଫଳତା ଆମେ କାମନା କରୁଛୁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଧୂଆଁ ଧରିବାକୁ କେହି ନାହିଁ


ଗିରିଧାରୀ ସାମଲ

ଗୋଟିଏ ସିଗାରେଟ ଟାଣିଲେ ପାଞ୍ଚ ମିନିଟର ଆୟୁଷ କମିଯାଏ ଏହି ଧୂଆଁଧାରୀମାନେ ଏହାର ସେବନକାରୀ ହେଲାପରେ ସେମାନଙ୍କର ମୁଖମଣ୍ଡଳ ଯାହା କଦାକାର ଦେଖାଯାଏ ତାହାବି ସମସ୍ତେ ଜାଣନ୍ତି । ଯୁଆଡ଼େ ଦେଖ ସିଆଡ଼େ ଉଡୁଛି ସିଗାରେଟ ଧୂଆଁ । ଫୁଲମାଳ ଭଳି ଗୁଟଖା ସବୁ ଓମଫେଡ଼ ବୁଥ ଠାରୁ ସହରର ଛକମୁଣ୍ଡ ସବୁ ଦୋକାନରେ ଝୁଲୁଛି । ସେ ସଚ୍ଚିବାଳୟ ସାମ୍ନା ପାନ ଦୋକାନ ହେଉ ଅବା କମିଶନରେଟ ପୋଲିସ କାର୍ଯ୍ୟାଳୟ କାନ୍ଥକୁ ଲାଗିଥିବା ଓମଫେଡ଼, ଥାନା ପାଖରେ ଥିବା ଦୋକାନ କଥା କହିବା ଭଲ । ସବୁଠି ସମାନ ଅବସ୍ଥା । ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିବା ଓ ଗୁଟଖା ବିକିବା ଆଇନ ତା ଅପରାଧ ହୋଇଥିଲେ ବି ଏଥିପ୍ରତି କାହାରି ନଜର ନାହିଁ । ଠିକ ମାର୍ଚ୍ଚ ମାସ ହେଲାବେଳକୁ ପୋଲିସର ଚେତା ଫେରିବ । କିଛି ଦିନ ଚଢ଼ଉ କରି ଫାଇନ କରିବ । ତାପରେ ପୁଣି ଅପେକ୍ଷା ରହିବ ଆସନ୍ତା ବର୍ଷ ମାର୍ଚ୍ଚ ମାସକୁ । ବିନ୍ଦାସ ଚାଲିଛି ପାନ, ଗୁଟଖାଠୁ ନେଇ ସିଗାରେଟ ବେପାର । ୨୦୧୩ରେ ଗୁଟଖା ଉପରେ କଟକଣା ଲାଗିଥିଲା । ହେଲେ ସରକାରଙ୍କ ସେହି ଆଇନ ମଧ ଏବେ ନାଲିଫିତା ତଳେ ଦବି ଯାଇଛି । କାରଣ ଏହି ନିୟମକୁ ପାଳନ କରିବା ଲାଗି ଦାୟିତ୍ୱ ନେଇଥିବା ଖୋଦ ପ୍ରଶାସନିକ କର୍ମଚାରୀମାନେ ଏଥିରେ ବୁଡ଼ି ଯାଇଛନ୍ତି । ଢ଼ିଲା ମାରିଛନ୍ତି କର୍ତ୍ତବ୍ୟରେ । କେବଳ ଯେ ସାଧାରଣ ଲୋକ ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣୁଛନ୍ତି ତାହା ନୁହେଁ ବରଂ ପୋଲିସ ଆରମ୍ଭ କରି ଅନେକ ନାଲିବତି ଚଢ଼ା ବଡ଼ବଡ଼ିଆ ବାବୁମାନେ ବି ବିଚ ବଜାରରେ ଧୂଆଁ ଉଡାଉଛନ୍ତି । ଏହି ପ୍ରଶ୍ନ ସେମାନଙ୍କୁ କିଏ କହିବ ? ତେଣୁ ନିୟମ ଗଢୁଥିବା ବ୍ୟକ୍ତି ଯଦି ନିୟମ ଭାଙ୍ଗିଲେ ପରିସ୍ଥିତି ଯାହା ହୁଏ ତାହା ଏବେ ସର୍ବ ସମ୍ମୁଖରେ । ଡାକ୍ତରଖାନା ପରିସର, ସରକାରୀ କାର୍ଯ୍ୟାଳୟ, କୋର୍ଟ ପରିସର, ରେଳବାଇ ପ୍ରତିଷ୍ଠା କେନ୍ଦ୍ର, ହୋଟେଲ, ପାଠାଗାର, ପ୍ରେକ୍ଷାଳୟ, ବସଷ୍ଟାଣ୍ଡ, ବିମାନବନ୍ଦର ଆଦି ସ୍ଥାନରେ ଏବେ ଉଡୁଛି ସିଗାରେଟ ଧୂଆଁ ଓ ଗୁଟଖା । ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ରାତି ପାହିଲେ ହଜାରେ ନିୟମ । ଏଇଟା କରିବନି ପୁଣି ସେଇଟା କରିବନି । ଜନସାଧାରଣଙ୍କ ହିତ ପାଇଁ ଏମିତି କେତେକଣ ପଦକ୍ଷେପ ନିଆଯାଉଛି । ହେଲେ ସେ ସବୁ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ସମସ୍ତଙ୍କୁ ଜଣା । ଲାଗୁ ହେଉଥିବା ନିୟମକୁ ପ୍ରଥମେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଏ । ମାସ ବିତିନଥାଏ ପୁଣି ଯେଶାକୁ ତେଶା । ସେ କାରରୁ କଳାକାଚ ହଟାଇବା ଅଭିଯାନ ହେଉ ଅବା ଶବ୍ଦ ପ୍ରଦୂଷଣ ଲାଗି ଗାଡ଼ି ଚେକିଂ । ସବୁକିଛି ଅଧା ରାସ୍ତାରେ ବାଟବଣା ହୁଏ । ଠିକ ଏପରି ଅବସ୍ଥା ହୋଇଛି ଗୁଟଖା ଓ ଧୂମପାନ ଆଇନର । ଭାରତ ସରକାରଙ୍କ ପକ୍ଷରୁ ୨୦୦୪ ମସିହା ଠାରୁ ମେ ମାସ ୩୧ ତାରିଖକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରାଯାଉଛି । ଏବେ ଏହି ଆଇନ ପ୍ରଣୟନ ହେବା ୧୫ ବର୍ଷ ହେଲାଣି । ପରିସ୍ଥିତି କିନ୍ତୁ ଯଥା ପୂର୍ବଂ ତଥା ପରଂ । କିଛି ବି ସୁଧାର ଆସିନି । ଖାଲି ମେ' ମାସ ଆସିଲେ ଦିନେ କିମ୍ବା ଦୁଇଦିନ ଧରି ଲୋକ ଦେଖାଣିଆ ଭାବେ ଦୋକାନ ବଜାର ଉପରେ ଚଢ଼ଉ ହୁଏ । ଗୁଟୁଖା ଏବଂ ସିଗାରେଟ ଜବନ କରାଯାଏ । ପୋଲିଶ କମିଶନର କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଘଟଣା ବିଷୟରେ ଜଣାନ୍ତି । ତାପରେ ସବୁ ସରିଲା । ତା ଛଡ଼ା ବର୍ଷ ୨୦୦୮ ଅକ୍ଟୋବର ୨ରୁ ସର୍ବସାଧାରଣରେ ଧୂମପାନ ନିଷେଧ ଆଇନ ସାରା ଦେଶରେ ବଳବତ୍ତର ରହିଛି । ଏତିକି ନୁହେଁ ୨୦୧୦ରେ ସଂଶୋଧିତ ଆଇନ ଅନୁଯାୟୀ ସିଗାରେଟ କିମ୍ବା ତମାଖୁ ଜାତ ଦ୍ରବ୍ୟ ପ୍ୟାକେଟ ଉପରେ ସ୍ୱାସ୍ଥ୍ୟସତର୍କତା ଚିତ୍ର ପ୍ରଦର୍ଶନ କରାଯିବା ବାଧ୍ୟତାମୂଳକ ହୋଇଛି । ୧୮ ବର୍ଷରୁ କମ ବୟସର ପିଲାଙ୍କୁ ସିଗାରେଟ ବିକ୍ରି କରିବା ସହ କିଣିବା ଉପରେ କଟକଣା ଲାଗୁ ହୋଇଛି । ଯାହାର କାଣିଚାଏ ବି ପାଳନ ହେଉନି । ସବୁ କିଛି ଆଇନ କାଗଜ କଲମରେ ଅଟକି ରହିଛି । ଅଭିଯୋଗ ହୋଇଛି ଏ ଆଇନ କାର୍ଯ୍ୟକାରୀ ନ ହେବାର ମୁଖ୍ୟ କାରଣ ହେଉଛି ପ୍ରଶାସନିକ ଅଧିକାରୀ । ଏମାନେ ସର୍ବସାଧାରଣ ସମ୍ମୁଖରେ ଧୂମପାନ କରିବା ସହ ପାନଗୁଟଖା ଖାଉଛନ୍ତି । ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିଲେ ୨୦୦ ଟଙ୍କା ଜରିମାନା ଦେବାର ଆଇନ ରହିଛି । ଆଶ୍ଚର୍ଯ୍ୟର କଥା ଯେଉଁ କିଛିଦିନ ଏ ନେଇ ଯାଞ୍ଚ ହୁଏ ତାକୁ ଲୋକଙ୍କ ଠାରୁ ଫାଇନ ମଧ ହୁଏ । ହେଲେ ଅନ୍ୟ ସମୟରେ କେହି ଜଣେ ବ୍ୟକ୍ତି ଏଥିରେ ଦଣ୍ଡିତ ହେବାର ନଜିର ନାହିଁ । ଅନ୍ୟପକ୍ଷରେ ତମାଖୁ ସେବନ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତି କାରକ । ଏହାଦ୍ୱାରା କ୍ୟାନସର, ପକ୍ଷାଘାତ, ହୃଦରୋଗ ଭଳି ବହୁ ରୋଗ ହୋଇଥାଏ । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖି ସରକାର ଏପରି ନିୟମ ଲାଗୁ କରିଛନ୍ତି ବୋଲି କୁହାଯାଉଛି । କିନ୍ତୁ ଏ କେବଳ ଭାଷଣ ବାଜି । ପ୍ରକୃତରେ ଯଦି ସରକାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଚିନ୍ତା କରିଥାନ୍ତେ ତେବେ ସର୍ବସାଧାରଣ ସ୍ଥାନରେ ଲଗାମ ନେଇ ସିଧା ତମାଖୁ ଉତ୍ପାଦନକାରୀଙ୍କୁ ରୋକ ଲଗାଇ ପାରନ୍ତେ । ଏଥିରୁ ପ୍ରମାଣ ହେଉଛି ରାଜସ୍ୱ ପାଣ୍ଠିକୁ ହୁହୁ ହୋଇ ବଢ଼ାଇବା ଲାଗି ସରକାରଙ୍କ କଏହା ଆଉ ଏକ ଚାଲ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪*

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା


ବାଦଲ ଭୂୟାଁ

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି । ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ । ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି । ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ । ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ । ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ । କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି । ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ । ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ ଲାଗେ । ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି । ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ । କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର । ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି । ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ । ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ । ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି । ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନନ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ । ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା । ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି । ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି । ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି । ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି । ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ । ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ । ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ କେହି କରିପାରିବେ ନାହିଁ । ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ । ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ । ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ । ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ କଟକଣା ଭିତରେ ରଖାଯିବା ଉଚିତ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,*
*E-mail : badal009bhuyan@gmail.com*

# ସଂସ୍କୃତି ଓ ଐତିହ୍ୟର ମୁଖଶାଳା ଜଗତସିଂହପୁର


ହିମାଂଶୁ ଶେଖର ଆଚାର୍ଯ୍ୟ

ଜାନୁଆରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଉତ୍ସବ ହେଉଛି ଆମ ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ । ଏଥିପାଇଁ ସମଗ୍ର ଜିଲ୍ଲା ଚଳାଚଞ୍ଚଳ । ଏଇଠି ମନେପଡ଼େ ୧୯୯୩ ମସିହାରେ ଜଗତସିଂହପୁର ଜିଲ୍ଲା ଗଠନ ହେବାପରେ ଏହି ମହୋତ୍ସବ ଏପ୍ରିଲ ପହିଲାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଳନ କରାଯାଉଥିଲା । ଚଳିତ ବର୍ଷ ଏହାକୁ କଲେଜ୍ଛକସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ୍‌ରେ ଆୟୋଜନ କରାଯାଉଛି । ଏଥିସହିତ ପୂର୍ବରୁ ମହାବାତ୍ୟା ପରେ ଜାନୁଆରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ପୁସ୍ତକମେଳାକୁ ପ୍ରଥମଥର ପାଇଁ ଜିଲ୍ଲା ଉତ୍ସବ ସହିତ ଯୋଡ଼ାଯାଇଛି । ସେ ଯାହା ହେଉନ କାହିଁକି ଏହା ଜିଲ୍ଲା ବାସୀଙ୍କ ପାଇଁ ଖୁସିର ସମୟ । ସମସ୍ତଙ୍କ ମିଳିତ ପ୍ରୟାସରେ ଏହା ସରସ ଓ ସୁନ୍ଦର ହୋଇପାରିବ ବୋଲି ଆଶା କରାଯାଏ । ବିଶେଷ କରି ଜିଲ୍ଲାପାଳ ତଥା ଅଧକ୍ଷା ଜିଲ୍ଲା ସଂସ୍କୃତି ପରିଷଦ ଶ୍ରୀମତୀ ପାରୁଲ ପଟାୱରୀ, (ଭା.ପ୍ର.ସେ)ଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଏହାକୁ ଅଧିକ ସଫଳ କରିବ ବୋଲି ଜିଲ୍ଲାବାସୀ ଚାହିଁ ରହିଛନ୍ତି । ଆମର ଭାଷା, ଆମ ସାହିତ୍ୟ ଓ ଆମ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହିଁ ଆମର ପରିଚୟ । ଭାଷାକୁ ଭିତ୍ତିକରି ପ୍ରଥମ ରାଜ୍ୟ ଭାବରେ ଓଡିଶା ପ୍ରଦେଶ ଗଠିତ ହୋଇଥିଲା । ଓଡିଆ ଭାଷାକୁ ନୂତନ ଦିଶା ଦେବାରେ ଏ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ସମସାମୟିକ ସମାଜରେ ସଂସ୍କୃତ ଭାଷାର ପ୍ରାଧାନ୍ୟକୁ ପ୍ରତିହତ କରି ଓଡିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ସେ ଓଡିଆ ଭାଷାର ଯେଉଁ ମୂଳଦୁଆ ପକାଇଥିଲେ ପରବର୍ତ୍ତୀ ସମୟରେ ଭାଷା ଭିତ୍ତିକ ପ୍ରଦେଶ ପାଇବାରେ ଆମେ ସମର୍ଥ ହୋଇଥିଲେ । ପରବର୍ତ୍ତୀ ସମୟରେ ଏ ମାଟିର ବହୁ ସାରସ୍ୱତ ପ୍ରତିଭା ସ୍ୱୀୟ ଲେଖନୀ ଚାଳନା କରି ଓଡିଆ ଭାଷାକୁ ଋଦ୍ଧିମନ୍ତ କରିଛନ୍ତ । ସେମାନଙ୍କ ମଧ୍ୟରେ ଅଛନ୍ତି ଜ୍ଞାନପୀଠ ପୁରସ୍କାର ବିଜୟିନୀ ଔପନ୍ୟାସିକା ଡଃ. ପ୍ରତିଭା ରାୟ, ଶିଶୁ ସାହିତ୍ୟିକ ଡଃ. ମହେଶ୍ୱର ମହାନ୍ତି, ବିଷୁବ ପୁରସ୍କାର ବିଜେତା ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଔପନ୍ୟାସିକ ବିଭୂତି ପଟ୍ଟନାୟକ, ସୁ-ସାହିତ୍ୟିକ ପରମାନନ୍ଦ ଅଧିକାରୀ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସଂସ୍କୃତ ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଗୋବିନ୍ଦ ମିଶ୍ର, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ପ୍ରଜ୍ଞା ପାରାମିତା ଶତପଥୀ ଓ ଆହୁରି ଅନେକ ନିଜସ୍ୱ ରଚନାରେ ସେମାନେ ପ୍ରତିଷ୍ଠିତ ହେବା ସହ ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇ ଏ ମାଟି ପାଇଁ ଗୌରବ ଆଣିଛନ୍ତି ।ଭାରତର ମୁକ୍ତି ସଂଗ୍ରାମକୁ ଜଗତସିଂହପୁରର ଅବଦାନ ଅତୁଳନୀୟ । ଦେଶର ଅନ୍ୟ ରାଜ୍ୟ ଭଳି ଓଡିଶା ବିଶେଷ କରି ଜଗତସିଂହପୁରର ବହୁ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଲାଠି ମାଡ ଖାଇଛନ୍ତି ଓ କାରାବରଣ କରିଛନ୍ତି । ଏ ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ପଣ୍ଡିତ ପ୍ରାଣକୃଷ୍ଣ ପଢିଆରୀ, ନାରାୟଣ ବୀରବର ସାମନ୍ତ, ଗୌରଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର, ଉଦୟନାଥ ଷଡଙ୍ଗୀ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ଏ ମାଟିର ମହୀୟସୀ ମହିଳାମାନଙ୍କ ଯୋଗଦାନ କୌଣସି ଗୁଣରେ କମ୍ ନଥିଲା । ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ ଓ ଅନ୍ନପୂର୍ଣ୍ଣା ମହାରଣା ଆଗ୍ରଗଣ୍ୟା ।ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଏ ମାଟିର ମହକ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡଃ. ପ୍ରାଣକୃଷ୍ଣ ପରିଜା, ପ୍ରଜ୍ଞାପୁରୁଷ ଡଃ. ଶ୍ରୀରାମଚନ୍ଦ୍ର ଦାଶ, ବୈଜ୍ଞାନିକ ବଂଶୀଧର ପରିଜା, ସୁଦର୍ଶନ ସାସମଲ, ପ୍ରଫେସର ହୃଦାନନ୍ଦ ରାୟ, ଶିକ୍ଷାବିତ୍ ସୂର୍ଯ୍ୟକାନ୍ତ ଦାସ, ଯୋଗେନ୍ଦ୍ରନାଥ ଦାଶ, ନୃସିଂହ ଚରଣ କାନୁନ୍‌ଗୋ, ବୈକୁଣ୍ଠନାଥ ଆଚାର୍ଯ୍ୟ, ସୁରପ୍ରସାଦ ମହାପାତ୍ର ଓ ଅନ୍ୟାନ୍ୟ ପ୍ରତିଭାଦୀପ୍ତ ବରେଣ୍ୟ ବ୍ୟକ୍ତିଗଣ । ସେହିପରି କଳା ନାଟକ କ୍ଷେତ୍ରରେ ଜଗତସିଂହପୁର ଅବଦାନ ପ୍ରଣିଧାନ ଯୋଗ୍ୟ । ଏ ମାଟିର ପ୍ରମୁଖ ଯାତ୍ରାଦଳ ଓଡିଶା ତଥା ଓଡିଶା ବାହାରେ ସୁନାମ ଅର୍ଜନ କରିଛନ୍ତି । ଖାଲି ସେତିକି ନୁହେଁ ଅନେକ ନାଟ୍ୟକାର ଉନ୍ନତମାନର ନାଟକ ରଚନା କରି ଏ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି । ସେମାନଙ୍କ ମଧ୍ୟରେ ଗୀତିନାଟ୍ୟକାର କବି ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ ତଥା ନାଟ୍ୟକାର ସୁଧାକର ଦ୍ୱିବେଦୀ, ଇଂ. କିଶୋର ମହାପାତ୍ର, ଜଗଦୀଶ ତ୍ରିପାଠୀ, ଉତ୍ତମ ଦାସ, କୈଳାଶ ମଲ୍ଲିକ, ହର ବାରିକ ଓ ଆଶୁତୋଷ ମହାପାତ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ । ଅଭିନୟ ପ୍ରଦର୍ଶନରେ ମଧ ଏ ମାଟିର ଚମକ ଅନନ୍ୟ । ଆର୍ତ୍ତବନ୍ଧୁ ରାଉତରାୟଙ୍କ ଠାରୁ ଆରମ୍ଭ କରି ଉତ୍ତମ ପାଲ, ଶଙ୍କର୍ଷଣ ପଣ୍ଡାଙ୍କ ଠାରୁ ଆରମ୍ଭ କରି ଦେବୀ ରଥ ଏପରିକି ଚଳଚିତ୍ର ଜଗତର ଦୁଃଖିରାମ ସ୍ୱାଇଁଙ୍କ ପର୍ଯ୍ୟନ୍ତ ସବୁଠି ସେଇ କଳାର ମଣିଷମାନଙ୍କର ଅଭୁଲା ଅଭିନୟର ଚର୍ଚ୍ଚା । ରାଜନୀତି କ୍ଷେତ୍ରରେ ମଧ ଓଡିଶା ମାନଚିତ୍ରରେ ଏ ମାଟି ବିଶେଷ ସ୍ଥାନର ଅଧିକାରୀ । ସ୍ୱାଧୀନତା ପୂର୍ବରୁ ୧୯୩୭ ମସିହାରେ ତିର୍ତ୍ତୋଲ-ଏରସମା ନିର୍ବାଚନ ମଣ୍ଡଳୀରୁ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରେ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ । ସ୍ୱାଧୀନତା ପରେ ପରବର୍ତ୍ତୀ ସମୟରେ ନିଶାମଣି ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି, ଲୋକନାଥ ଚୌଧୁରୀ, ବିପିନ ବିହାରୀ ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ବୈକୁଣ୍ଠ ମହାନ୍ତି, ବାସୁଦେବ ମହାପାତ୍ର, ଲକ୍ଷ୍ମଣ ମଲ୍ଲିକ, ବସନ୍ତ ବିଶ୍ୱାଳ, ବିଷ୍ଣୁ ଦାସ ପ୍ରମୁଖ ରାଜନୀତିରେ ସେମାନଙ୍କର ସ୍ୱତନ୍ତ୍ର ପରିଚୟ ଛାଡ଼ିଯାଇଛନ୍ତି । ସେହିପରି ଓଡ଼ିଶା ରାଜନୀତିର ଅନନ୍ୟ ରାଜନେତା ଭାବେ ଡା. ଦାମୋଦର ରାଉତ ସୁପରିଚିତ । ଏଥିସହିତ ଚିରଞ୍ଜୀବ ବିଶ୍ୱାଳ, ରଞ୍ଜୀବ ବିଶ୍ୱାଳ, ଡ଼ା. କୁଳମଣୀ ସାମଲ, ଡ଼ା. ରାଜଶ୍ରୀ ମଲ୍ଲିକ, ପ୍ରଶାନ୍ତ ମୁଦୁଲି, ରଘୁନନ୍ଦନ ଦାସ, ବିଜୟ ଶଙ୍କର ଦାସ, ସମ୍ବିତ୍ ରାଉତରାୟ ଓ ଆହୁରି ଅନେକ ରାଜନୀତିରେ ପଦାର୍ପଣ କରି ସୁନାମ ଅର୍ଜନ କରିଛନ୍ତି । ଏ ମାଟି କଥା କୁହା ମାଟି । ଏ ମାଟିରେ ଟେକାଟିଏ ପଡିଲେ ସେ କଥା କୁହେ । ସୃଜନଶୀଳତାର ସୁନାର ଫସଲ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମର କଣ୍ଟକିତ ପଥ, କଳା, ସଂସ୍କୃତି ଐତିହ୍ୟର ଉଜ୍ଜ୍ୱଳ ପରମ୍ପରା ଠାରୁ ଆରମ୍ଭ କରି ରାଜନୀତି ଓ ଶିକ୍ଷାର ବୃହତ୍ତର କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଏ ମାଟିର ବାସ୍ନା ବେଶ୍ ବାରିହୋଇପଡେ । କେବଳ ଆମ ରାଜ୍ୟ ନୁହେଁ ସାରା ଦେଶରେ ଏ ମାଟିର କୀରତି ଗାଥା ଗୁଞ୍ଜରିତ ହୁଏ । ଜଗନ୍ନାଥ ସଂସ୍କୃତି ହିଁ ଏଇ ଜାତିର ପରିଚୟ । ଏ ଜାତିର ଆରାଧ ଦେବତା ଗତ ନବକଳେବର ସମୟରେ ବଡଠାକୁର ପ୍ରଭୁ ବଳଭଦ୍ର, ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ସୁଭଦ୍ରାଙ୍କ ତିନି ଦାରୁ ଏହି ଜିଲ୍ଲାରୁ ହିଁ ମିଳିଥିଲା । ଜଗନ୍ନାଥମୟ ହୋଇଯାଇଥିଲା ଏ ମାଟି । ଯାହା ଏଇ ମାଟିକୁ ସମଗ୍ର ବିଶ୍ୱରେ ଏକ ନିଆରା ପରିଚୟ ଦେଇଛି । ମା'ସାରଳାଙ୍କ ପୀଠ ଏ ମାଟି ନିକଟରେ ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଆନ୍ତରିକ ଉଦ୍ୟମ ଓ ଇଚ୍ଛା ଶକ୍ତିରୁ ଜଗତସିଂହପୁର 'ବାଣୀକ୍ଷେତ୍ର'ର ମାନ୍ୟତା ପାଇଛି । ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଜିଲ୍ଲା ମହୋତ୍ସବ ପାଳନ ଅବସରରେ ଏବେ ଆମକୁ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ପ୍ରେରଣା ପାଇଁ ଅତୀତର ଗୌରବ ଓ ଐତିହ୍ୟର ସ୍ମୃତିଚାରଣ, ବର୍ତ୍ତମାନ ତ୍ରୁଟି-ବିଚ୍ୟୁତିର ସମୀକ୍ଷା ଓ ଭବିଷ୍ୟତକୁ ଆହୁରି ସରସ ସୁନ୍ଦର କରିବାର ସଂକଳ୍ପ ଆମକୁ ନେବାକୁ ହେବ ।

ସଭାପତି,ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨




## ତୁମେ ତ ଜାଣିଚ଼ ଈଶ୍ୱର

*ସୁଚରିତା ମହାନ୍ତି*



ନୂଆ ବର୍ଷ ଆସିଛି
ସମସ୍ତଙ୍କ ମନରେ ଆନନ୍ଦର ଶିହରଣ
ବାଣ ରୋଶଣି ନୃତ୍ୟ ଗୀତ
ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ
ପୁଣି ମଦ ର ପିଆଲା ସହିତ
ବଡ଼ ବଡ଼ ତାରକା ହୋଟେଲରେ
ମସଗୁଲ୍ ହୋଇଉଠିବେ
ଆବାଳ ବୃଦ୍ଧ ବନିତା
ଜମିବ ବଣଭୋଜି
ଭିନ୍ନ ଭିନ୍ନ ଢଙ୍ଗରେ କେତେ କେଉଁଠି
ନିଆରା କାର୍ଯ୍ୟକ୍ରମ ର ଆୟୋଜନ
ପୁରୁଣା ବର୍ଷ ଟି
ଇତିହାସ ପୃଷ୍ଠାରେ ଛାପି ହୋଇ ଯିବ
ସ୍ମୃତି ଓ ବିସ୍ମୃତି କୁ ସାଥୀ ରେ ଧରି
ଗାଁ ରୁ ସହର ଝଲସି ଉଠୁଥିବ
ଆଲୋକ ମାଳାରେ
କୋଳାହଳ ଆଉ
କୋଳାକୋଳି ଭିତରେ
ହ୍ୟାପି ନ୍ୟୁ ଇୟର ର ସ୍ୱର
ଭାସି ଆସୁଥିବ ଏକ ବିକଟାଳ ଚିତ୍କାର କରି ।
ବଡ଼ ବଡ଼ିଆ ମାନଙ୍କ ବ୍ୟାନର
ଓ ପୋଷ୍ଟର ଗୁଡ଼ିକରେ ଭର୍ତ୍ତି ହୋଇଯିବ
ରାସ୍ତା ଗଳିକନ୍ଦି,
ଗାଡ଼ି ମଟର ର ବିକଟାଳ ରଡ଼ି ରେ
ଫାଟି ପଡୁଥିବ ସାରା ଆକାଶ ।
ବେଶ୍ ବଦଳିଯାଏ ମାହୁଲ୍
ଫି' ସନ ଏଇ ନୂଆ ବର୍ଷ ଆସିଲେ
ଶୀତ ରାତିଟା ଭାରି ଅମାନିଆ
ହୋଇ ଯାଏ
ସେ ବି ନାଚ଼ି ଉଠେ
ମାତାଲ୍ ଙ୍କ ପରି ।
ଆନନ୍ଦ ଉଲ୍ଲାସ ଭିତରେ ହଜିଯାଏ
କାହିଁ କେତେ ଯନ୍ତ୍ରଣା ଓ ଭୋକର ଛବି
ସାରା ରାତି ଜଳୁଥାଏ
ଜୀଅନ୍ତା ମଣିଷ ର ଜୁଇ କାକର ବତୁରା
ମାଟି ଉପରେ
ବତୀଖୁଣ୍ଟ ବସଷ୍ଟାଣ୍ଡ
ରେଳ ଷ୍ଟେସନ ରେ ଭିଡ଼ି ମୋଡ଼ି ହୋଇ
ପଡ଼ିଥିବା ଜୀବନ ସବୁ
ପାଲଟି ଯା'ନ୍ତି ନିର୍ବାକ
ଏତେ ସବୁ ଆଡ଼ମ୍ବର ଭିତରେ
ହଜିଯାଏ ସେମାନଙ୍କ ସତ୍ତା
ଯେମିତି କି ସେମାନେ କାହାର
ନିର୍ଦ୍ଦେଶରେ ନିରବ ।
ନୂଆ ବର୍ଷ ତାଙ୍କ ପାଇଁ କ'ଣ ଯେ!
କ'ଣ ବୁଝନ୍ତି ଏତେ ଜାକ
ଜମକର ମହତ୍ତ୍ୱ
ପୁଣି ଏକ ନୂଆ ଇତିହାସ
ରଚ଼ି ବସେ ନୂଆ ବର୍ଷ
ଧୀରେ ଧୀରେ ହଜି ଯାଏ ଦିନ ।
ପତ୍ର ଝଡ଼ା ଗଛ କଅଁଳି ଉଠିବାକୁ
ଆଉ କେତେ ବା ସମୟ ବାକି
ଝଡ଼ିବା ଓ କଅଁଳିବା ପ୍ରକୃତିର
ନିୟମ ଭିତରେ
ଆସିଯାଏ ଏକ ନୂଆ ନରମ ସକାଳ
ଅଧା ନିଦୁଆ ଆଖି ଯୋଡ଼ିକ
ମଳି ମଳି ଯେବେ ନୂଆ ବର୍ଷ ର ଦୁନିଆ
କୁ ଦେଖେ
ତା ଆଖି ଆଗରେ ନାଚ଼ି ଉଠେ
ସେଇ ବିଗତ ବର୍ଷ ର ପୁରୁଣା ଧାରା
କିଛି ନୂଆ ନଥାଏ
ଥାଏ ଅଳିଆ ଆବର୍ଜ୍ଜନା ରେ ଭର୍ତ୍ତି ଏକ
ବେଶ୍ ଲମ୍ବା ଚ଼ଉଡ଼ା ରାସ୍ତା ।
ସେଇ ରାସ୍ତାରେ ପାଦ ଥାପି ନିଜକୁ
ଚ଼ାଲିବାକୁ ହେବ
ସଫା କରି କରି
ନୂଆ ବର୍ଷ ନୁହେଁ କିଛି ନୂଆ ନୁହେଁ
କାଲି ଯାହା ଥିଲା ଆଜି ବି ତାହା ଅଛି
କେବଳ ସଫା କରିବା କୁ ହେବ
ଗତ ରାତିର ଆଉ କିଛି ମଇଳା
ଯାହା---
ଅଧିକ ଭିଡ଼ ଜମେଇଛି ।
ନୂଆ ବର୍ଷ କ'ଣ ଏମିତି ଆସେ !!
କେତେ କିସମର ବାସ୍ନାୟିତ ଫୁଲ ମାନେ
ଅସମୟରେ ଦଳି ମକଚ଼ି ହୋଇ ଯା'ନ୍ତି
ବଡ଼ ବାବୁ ବାବୁଆଣୀଙ୍କ ସ୍ପର୍ଶ ରେ ।
ମୁହୂର୍ତ୍ତ କେ ବଦଳିଯାଏ ସବୁ ମାନଚିତ୍ର
ପୁଣି ଫେରନ୍ତି ଯିଏ ଯାହା ବାଟରେ ।
ଅଧା ସ୍ୱପ୍ନ ଅଧା ହସ ସହିତ ଭୋକିଲା
ଜୀବନ ଗୁଡ଼ିକ ଈଶ୍ୱର ଙ୍କୁ ଧନ୍ୟବାଦ ଦେଇ
ପୂର୍ଣ୍ଣ ସମର୍ପଣ ସହ ଥର ଥର
କଣ୍ଠରେ କହୁଥାନ୍ତି, ହେ ଈଶ୍ୱର !
ଆମେ ବଞ୍ଚିଛୁ
ତୁମ ଦୟାରେ ବେଶ୍ ଖୁସି ଅଛୁ
ତୁମକୁ ବି ହାପି ନ୍ୟୁ ଇୟର
ତୁମେ ତ ଜାଣିଚ଼ ଈଶ୍ୱର
ଏବେ ପରା ନୂଆ ବର୍ଷ ଆସିଛି ॥

*ସମ୍ପାଦିକା 'ଭଞ୍ଜଦୀପ'*
*ମୋ: ୮୯୧୭୫୭୧୨୦୨*

## କବିତା ସର୍ବସ୍ୱ

*ଆଦ୍ୟାଶା ମହାପାତ୍ର*



ତୁମ ହାତରେ ବ୍ରହ୍ମାସ୍ତ୍ର କି ପାଶୁପତ
ମୋ ହାତରେ ଖାଲି କବିତା
ଏ ଯୁଦ୍ଧଂ ଦେହି ଡାକରାରେ
ତୁମେ ଫିଙ୍ଗୁଥିବା ବେଳେ ତୀକ୍ଷ୍ଣ କ୍ରୋଧ
ମୁଁ ଯାଚୁଥାଏ ସ୍ନେହ ଅନୁରାଗ
ତମେ ମାଗ ଭୂଖଣ୍ଡ, ସମ୍ପତ୍ତି
ମୁଁ ମାଗେ ଘଡ଼ିଏ ଜହ୍ନରାତି,
ଆଞ୍ଜୁଳାଏ ନିର୍ଭ ?ଜାଳ ପ୍ରୀତି
ତୁମ ଅହମିକାର ଜୟ ଜୟକାର ପାଇଁ
ତମେ କରୁଥାଅ ଦିବ୍ୟ ଜୀବନକୁ ରକ୍ତାକ୍ତ
ହେଲେ ମୋ କବିତା
ମଧୁମନସ୍କ ରଙ୍ଗୀନ ପ୍ରଜାପତି ହୋଇ
ମୁଠାଏ ସଦିଚ୍ଛାରେ ଭରୁଥାଏ ଗଭୀର କ୍ଷତ
ଦୁନିଆ କିନ୍ତୁ ଜାଣେ
ଏ ଯୁଦ୍ଧରେ ଜିତାପଟ ହେବ କବିତାର
ସବୁ ଛାତି ତଳେ
ମୁଠାଏ ସାଗୁଆ ପ୍ରେମ
ମୁଠାଏ ଭଲପାଇବା ବୁଣି
ମୁହଁ ଫେରାଇ ଚ଼ାହିଁଲା ବେଳକୁ
ହସୁଥିବେ କେତେ
ଶାଶ୍ୱତ ପବିତ୍ର ଫୁଲକଢି
ହେଲେ ପରାଜୟ ଗ୍ଲାନିରେ
ତୁମେ ହେଉଥିବ ଆକ୍ତାମାକ୍ତା
ପହଁରୁଥିବ ରକ୍ତନଦୀ ଶବମାନଙ୍କ ପିଠିରେ
ସେତେବେଳକୁ ଅନୁଭବିବ
ତୁମକୁ ଯେ କରିଛି ପରାହତ ଏ ଯୁଦ୍ଧରେ
କେବଳ ମୋର କବିତା...!!!!

*ନୂଆପଡା, କଟକ*

## ଆତ୍ମ ପ୍ରବଞ୍ଚନା

*ରତ୍ନକାନ୍ତି ମିଶ୍ର*



ତୋ କଥା ଭାବୁ ଭାବୁ
ଲୁହ ମାନେ ଜକେଇ ଆସନ୍ତି
ଆଖି କୋଣକୁ ଆପେ ଆପେ
ତୁ ଆଉ ଫେରିବୁନି କହିଲେ
ଲୁହ ମାନେ ବିଦ୍‌ରୋହ କରନ୍ତି
ସେମାନଙ୍କୁ ସାନ୍ତ୍ୱନା ଦେଇ
ବୁଝେଇବାକୁ ଚେଷ୍ଟା କରେ
ମିଛ କଥା କହେ
-'ଅଜଣା ଜାଗାକୁ ଯାଇଛୁ ତ
ଡେରିହେବ ଫେରିବାକୁ'
ତୋ ବିହୁନେ
ଗଭୀର ଆତ୍ମବିଶ୍ୱାସର ଡଙ୍ଗା
ଏବେ ଦୋହଲି ଯାଉଛି
ଝରୁଥିବା ଲୁହର ସ୍ପର୍ଶ
ଛାତିରେ ବାର ବାର ଦଂଶନ କରୁଛି
ଆଉ କେତେ ମିଛ କହି
ବୁଝେଇବି ଲୁହ ମାନଙ୍କୁ
ବିଦ୍‌ରୋହ କରନା
'ସେ ଫେରୁଛି ସେ ଫେରୁଛି...!'
ସତରେ ତୁ କ'ଣ ଫେରିବୁ
ସେ ଅଫେରା ରାଇଜରୁ
ଯେତେ ମିଠା ସୁଗନ୍ଧ ବିଞ୍ଚିଦେଇ
ଝରା ଶେଫାଳି ତୁ ଝଡି ପଡିଛୁ
ନିୟତି ନିର୍ଦ୍ଦେଶରେ
ଖାଲି ଯାହା ମୁଁ ବାହୁନୁଥିବି
ଜୀବନ ତମାମ୍
ଲୁହ ମାନଙ୍କୁ ଆଶ୍ୱାସନା ଦେଉଥିବି
ତୋ କଥା ଭାବୁ ଭାବୁ...!!!

*ଆଳି, କେନ୍ଦ୍ରାପଡା*

## ସୂକ୍ଷ୍ମ ବେଦନାକୁ ପ୍ରଣାମ

*ଡୁଇଟ ଡେଭିଡ ଫିଲିପ*



'ଚ଼ାଲି ଗଲେ ମୁଁ ଦେଖୁଥାଏ,
କିଏ ଦେଖିଦେଲେ, ଅନ୍ୟମନସ୍କ
ଚ଼ାହାଣି ପାଇଁ, ଲାଜେଇ ଯାଏଁ,
ଥାଇ ଜଗତେ, ନଥାଏ',
ସେ ଚୁମ୍ବକକୁ ମୁଁ ପ୍ରଣାମ କରେ ।
ଚୁମ୍ବକ ମୁଁ କଣ ହଜାଇଛି,
ସମୟ କଣ ପୋତି ଦେଇଛି,
ଝୁରାକୁ ଅଝୁରା କରି ଦେଇଛି,
ଥାଇ ଜଗତେ ହଜି ଯାଇଛି,
ସେ ମନକୁ ମୁଁ ପ୍ରଣାମ କରୁଛି ।
ସେ ଯିବା,
ତୋର ଦୁଃଖରେ ଘରେ ପଶିବା,
ଦେଖି ସବୁ ସଦ୍ୟ ହୋଇ ଯିବା,
ତୁ ମୋ ପଡୋଶୀ, ବୟସରେ ଅତି
ସାନ ପିଲା,
ବୁଝିବା ବୁଝାଇବା ଅସମ୍ଭବ, ତୋ
ମନକୁ ପ୍ରଣାମ କଲା ।

*ଚ଼ାଇବାଶା, ପଶ୍ଚିମ ସିଂଭୂମ*
*ଝାଡଖଣ୍ଡ,*
*ମୋ : ୯୪୩୭୧୦୪୩୦୩*

## ସଭିଏଁ ସ୍ୱାର୍ଥରେ ବନ୍ଧା

*ଅନସୂୟା ପଣ୍ଡା*



ଆନ୍ତର୍ଜାତୀୟ ଶାନ୍ତି କଥା
ଜାତିସଂଘର ଫାଇଲରେ ସୁପ୍ତ
ନାଟୋ ଯାଦୁରେ ଜୀବନ୍ତ ପରମ୍ପରା
କେବେଠାରୁ ଯେ ଅପହୃତ
ସଭିଏଁ ତ ସ୍ୱାର୍ଥରେ ବନ୍ଧା ।
ନ'ହେଲେ କ'ଣ ଜଳୁଥାଆନ୍ତା
ମିଶାଇଲ୍ ଗୁଳିରେ ସାରାବିଶ୍ୱ
ଚ଼ାରିଆଡ଼ ? ଚ଼ହଟୁ ଥାଆନ୍ତା
ହଳାହଳ ବିଷର ବାହାସ୍ଫଟ ।
ଭିନ୍ନଭିନ୍ନ ଦିବସ ନାଁ ଘୋଷଣା କରି
ଭୁଲିଯାଆନ୍ତି ଏଥିରେ ଲୋଡ଼ା ବିଶ୍ୱାସ
ଧଳାପାରା ଉଡାରେ ଗପ କି ଗୀତରେ
ଫେରେ କି ଶାନ୍ତି ଯାହା କେବେଠୁ ନିରୁଦ୍ଦିଷ୍ଟ ।
ସେ ଶାନ୍ତି ପାଇଁ ଲୋଡ଼ା
ପ୍ରେମ ମୈତ୍ରୀ ଅତୁଟ ବିଶ୍ୱାସ
ଯେଉଁଠି ଥିବ ବୁଝାମଣା ସହାନୁଭୂତି
ସଂଯମତା ଆଉ ଗାନ୍ଧୀବାଦ ।
ବସିଛି ଜାତିସଂଘ ଅନ୍ଧପୁତୁଳି ବାନ୍ଧି
ହାରଜିତ ଧୂଆଁ ଧୂଳିରେ ନାହିଁ ତା'ର ଚିନ୍ତା
ହା ହୁତାଶେ ଜଳିବା ଦେଖୁନି ସେ
ହେଉ ପଛକେ ଧରା ଧ୍ୱଂସ ରକ୍ତପାତେ
ତା ହାତ ଗୋଡ଼ ଯେ ବନ୍ଧା
ସାମ୍ରାଜ୍ୟବାଦୀ ପୁଞ୍ଜିପତି ଶକ୍ତିଙ୍କ
ପଶାପାଲିରେ ।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## ନୂଆ ବରଷର ସଞ୍ଜରେ

*ଉମେଶ (ଅକାମନ)*



ନୂଆ ବରଷର ସଞ୍ଜରେ
ଘରଣୀ କହନ୍ତି
ସାଙ୍ଗଙ୍କ ଗହଣେ କାଲି ରାତି ପରା
ଭୋଜିଭାତ କରି ଖଞ୍ଜରେ
ଏଲ୍. ଇ .ଡି ଆଲୁଅ ରଙ୍ଗ ପସରା
କାଟିଛ କେକ୍ କୋକୋ ଚ଼କୋ ଭରା
ନାଚ଼ର ଭିଡିଓ ଦେଖି ଲାଗେ ପରା
ହୋଇଥିବ ଭାଙ୍ଗ ଅବା କି ମଦିରା
ସଂସାର ଜଞ୍ଜାଳ ହୁଏ ଅସମ୍ଭାଳ
ମରୁଛି ମୁଁ ଦହଗଞ୍ଜରେ ।
ମଟନ୍ କଷାକୁ ଚ଼ିକେନ୍ ଚ଼ିଲି
ଜିରୋ ନାଇଟ୍ ଟା କମ୍ପିଛି କାଲି
ଆଜି ସକାଳୁ ତ ସୁନାପିଲା ଭଳି
ପରିବାର ମେଳେ
କରିଛ ଠାକୁର ଦର୍ଶନ
ଆମର ଖାଲି ଛୁଆପିଲା ସେବାୟତନ
ଦିଅଁ ଦର୍ଶନରେ ଶୁଭ ମନାସିବା କାମ
ମରଦ ପୁଅଙ୍କ ସବୁ ଫେଷ୍ଟିଭାଲ୍
ପାଟିସାଟି କରି ହୁଅନ୍ତି ବେହାଲ୍
ପଚ଼ାରିଲେ ପଦେ ହଜାର ବାହାନା
ଖୋଲିଯାଏ ଯେବେ ରାଜ୍ ରେ
କଥା ବାଜିଯାଏ ମଞ୍ଜରେ ।
ନୂଆ ବରଷର ସଞ୍ଜରେ ।
ଘରେ ଦିନବେଳେ ଆମିଷ ଦେଇ
ରାତି ଆସିବାକୁ ରୁହ ଅନାଇ
ଠାକୁର ଭସାଣ ହେଉ କି ହୋଲି
ଛାଡଖାଇ ରଜ ପାରୁନ ଭୁଲି
ସାଙ୍ଗସାଥୀ ହେଲେ ଏକଜୁଟ
ନାନ୍ ସାଙ୍ଗକୁ ହୁଏ କୁକୁଡା ଲଟପଟ
ଅଧରାତେ ଫେରି ବାହାସ୍ଫୋଟ ମାରି
ବଖାଣ ଯେତେକ
କହିବା ମାତ୍ରକ
ମୁହେଁ ତୁମ ନାହିଁ ଲାଜରେ
କେଜାଣି କେମିତି ସୁଧୁରିବ ତୁମେ
କ'ଣ ତା'ର ଇଲାଜରେ ?
ନୂଆ ବରଷର ସଞ୍ଜରେ ।
ସରମ ନାହିଁ
ଘରଣୀ ମୁହଁକୁ ଘଡିଏ ଚ଼ାହିଁ
କହନ୍ତି ପତି ପ୍ରବର
ନୂଆ ବରଷଟା ବେକାର୍ ହୋଇଲା
ପଡିଲା ପବିତ୍ର ତିଥିବାର
ସାଙ୍ଗ ଗହଣରେ ଆଜିର ଖଟି
ଶୂନ ମଜାମସ୍ତି ଶୁନ୍ ଚ଼ଟପଟି
ନିରାମିଷରେ କି ହୋଇବ ପାର୍ଟି ?
ଓଷାବ୍ରତ ଯେତେ
ଆମେ ତ ପାଳୁଛୁ ନିଷ୍ଠାରେ
ସନ୍ଦେହ କି ଆମ ଭକ୍ତିରେ !
ଦି' ଦିନ ପରେ
ନ୍ୟୁ ଇଅର୍ ପାର୍ଟି ହୋଇବ ସଞ୍ଜରେ
ଆଜି ପରା ଆମେ ସ୍ଥିର କରିଛୁ
ଏକାଠି ହୋଇବୁ ଷ୍ଟେଜ୍ ରେ
ନୂଆବର୍ଷ ସେଲିବ୍ରେସନ୍ ସଞ୍ଜରେ ।
ଘରଣୀ ହୋଇକି ସଜରେ
କୁହନ୍ତି ଆଜି ତ ପାର୍ଟିସାର୍ଟି ନାହିଁ
ଚ଼ାଲ ସାଥୀ ହୋଇ
ଚ଼ଣ୍ଡୀମନ୍ଦିର ବୁଲିକି ଆସିବା
ମା'ଙ୍କ ଆଳତି ଆଶିଷ ଘେନିବା
ପରିବାର ଆଉ ଜଗତ ପାଇଁ
ସୁଖ ମନାସିବା
ଆଜି ନୂଆ ବରଷର ସଞ୍ଜରେ ।

*ଛତିଆ, ଯାଜପୁର*
*ମୋ : ୯୮୫୩୫୮୯୪୩୨*

## ସମୟର କାରାଗାରେ

*ସୁଧାକର ରାଉତ*



ଅଝଟିଆ ସମୟଟା ଚ଼ାଲିଯାଏ
ରୁଣୁଝୁଣୁ ଶବ୍ଦ କରି
ଛାତିତଳେ ବହଳ ସପନ ନେଇ
ଚ଼ାଲେ ମୁଁ ତା ହାତ ଧରି ।
ବଖାଣି ନ ପାରିଥିବା କେତେ ଗପ
ତାକୁ ଯାଏ କହି କହି
ଫରକ ପଡେନା ତା ଉପରେ କିଛି
ମୋ ବୋଝ ତାପରେ ଥୋଇ ।
ବଦଳୁଥିବା ତା ଇନ୍ଦ୍ରଧନୁ ରଙ୍ଗ
କ୍ଷଣେ ଲାଗେ ଭାରିଭଲ
ଇଚ୍ଛା ହୁଏ ତାକୁ ଆଲିଙ୍ଗନ କରି
କରୁଥାନ୍ତି ସଦା ଗେଲ ।
ଏତେ ପ୍ରହେଳିକା ଥିଲା ତା ଭିତରେ
ଆଗରୁ ନଥିଲି ଜାଣି
ପ୍ରଲୁବ୍ଧ ହୋଇ ତା ପଛେ ଧାଉଁଥିଲି
ନ ପାରିଲି ତାରେ ଜିଣି ।
ତାର ପରିଧିର ସୀମା ସରହଦେ
ଖୋଜିଲି ତା କେନ୍ଦ୍ର ବିନ୍ଦୁ
ବରୋଧାଭାସରେ ମନ ଭରିଗଲା
ବିନ୍ଦୁ ନୁହେଁ ସିଏ ସିନ୍ଧୁ ।
କେତେ ଦିନରାତି ଅବା କେତେ ଋତୁ
ସବୁ କରି ଅକାରଣ
ବୟସର ମାପ କାଠି ହାତେ ଧରି
କରେ ମୋତେ ଉଇରାଣ ।
ସୁଖ ସୁମନ ତା ଦେହୁ ତୋଳିବାକୁ
ନୀଳ ସାଗରକୁ ଡେଇଁ
ଥକି ପଡି ଏବେ ଅନ୍ଧାର ଜାବୁଡି
ଧରି ନ ପାରଇ ଧାଇଁ ।
ସମୟ କୁହୁଡି ଅପସାରିବାକୁ
ଆଶାର ସୁରୁଜ ସଙ୍ଗେ
ଅସ୍ଥିର ହୋଇ ଜୀବନ କାରାଗାରେ
ବନ୍ଦୀ ଭାବେ କାଟେ ଢଙ୍ଗେ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ଝଡ଼ତୋଫାନ

*ଜଗଜ୍ଜୀବନ ସା*



କେହି ଜଣେ କହୁଥିଲା ମତେ
ଆସ, ଆସ, ତମେ ଆସ
ଶେଷ ସମୟରେ କହିଲା
ତମେ ନ ଆସିଲ ବୋଲି
ସେଇଦିନ
ରାତି ଅଧରେ କେମିତି
ଯାଇଥାନ୍ତି ଯେ
ଏକୁଟିଆ ଏକା ରାତିରେ
କେହି କ'ଣ କହିଦେବ ଭାବି
ରୁକଠୁକ୍ ମନା କରିଦେଲି ।
ସେଇ ରାତି ଥିଲା
ସୁମ୍ ସାନ୍, ଖାଁଖାଁ, ନିସ୍ତବ୍ଧ
ସେଇଦିନ ଥିଲା କାଳ
ବାଆଁ, ବତାସ, ଝଡତୋଫାନ
ଡ଼ରିଗଲି , ଡରିଗଲି ।
କିନ୍ତୁ
ସକାଳେ ଦେଖେ ତ
ଫୁଲ ଯାଇଥିଲା ଝାଉଁଳି
ଟଳି ପଡ଼ିଥିଲା ବୃକ୍ଷ
ଆଁ କରିଥିଲା ମାଟି
ବିଦୀର୍ଣ୍ଣ ଧରିତ୍ରୀ
କେହି ନ ଥିଲେ
ଥିଲା ଖାଲି ମଲା ଶରୀର
କେହି ନ ଥିଲେ
ଥିଲା ଖାଲି ଭଙ୍ଗା ଦଦରା ଘର,
ଭଙ୍ଗା ଚ଼ାଲ ଛପର,
ତୁକୁଡ଼ା ତୁକୁଡା ଖପୁରି ,
ଆଉ ଭଙ୍ଗା ଆଡ୍ ବେଷ୍ଟର,
ଗୁଡି, ସିମେଣ୍ଟ
ଭଙ୍ଗା କାଠ, ବଙ୍କା ଲୁହା ଖଣ୍ଡ
ସର୍ବନାଶ
କରିଦେଲା ସିଏ
ଚ଼ାଟିନେଲା ଭୂମିତକ ସବୁ
ନ ଥିଲେ ଆଉ ସେ ସୁନ୍ଦରୀ
ନ ଥିଲା ରୂପ, ଗୁଣ ସବୁ
ନ ଥିଲା ତା' ସର୍ବସ୍ୱ କିଛି ।

*କୁମ୍ଭାରି, ଗୋଲାମୁଣ୍ଡା*
*କଳାହାଣ୍ଡି*
*ମୋ - ୮୦୧୮୫୩୭୨୮୮*

## ଆମରି ଗାଆଁରେ ତୁମରି ନାଆଁରେ

*ନିରଞ୍ଜନ ସାହୁ*



ଆମରି ଗାଆଁରେ ତୁମରି ନାଆଁରେ
ହୁଏ ଯେତେ ଆଲୋଚ଼ନା
ବୁଝି ମୁଁ ପାରେନା ଦୋଷ ବି ଧରେନା
ଆଗୋ ପ୍ରିୟା ସୁଲୋଚ଼ନା ।
ତୁମେ ଯିବା ପରେ ଆମରି ଗାଆଁରେ
ଗୁଡିଏ ନିନ୍ଦୁକ ବସି
ତୁମରି ନାଆଁରେ ଏଣୁତେଣୁ ଗପି
ହେଉଥାନ୍ତି ହସାହସି
ନିଆଁ ନ ଥାଇ ବି ଧୂଆଁ ସେ ଉଠାନ୍ତି
କେ ' କରିବ ତାଙ୍କୁ ମନା ?
ତୁମ ଆମ କଥା ଜାଣନ୍ତି ନାହିଁ ଗୋ
ହୋଇଅଛି ରକ୍ଷା ଜାଣ
ନହେଲେ ତ ମୋତେ ଦେଖେଇ ଶିଖେଇ
ମାରନ୍ତେ କଟାକ୍ଷ ବାଣ
ସଜ ମାଉଁସରେ ପୋକ ପକାଇଣ
କହନ୍ତେ ତେଣିକି ଅନା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ, ମୋ:୯୯୩୭୭୪୧୫୮୩*

## ଶୀତେ ଅନୁଚ଼ିନ୍ତା

*କବି କେଶବ ଚ଼ନ୍ଦ୍ର ନାୟକ*



ମାଘ ମାସେ ଶୀତ ବିଦାୟ ବେଳରେ
ଦେହକୁ ଯାତନା ଦେଉଛି......
ଶୀତର ପ୍ରକୋପେ ସୂରୁଯ କିରଣ
ମଳିନ କିପରି ଦିଶୁଛି...!!
ଦୂର ଦିଗ୍ ବଳୟ ପାଉଁଶିଆ ଦିଶେ
କୁହୁଡି ଚ଼ାଦର ଢାଙ୍କିଛି......
ଆଖି ଥାଇ ଅନ୍ଧ ପରାଏ ଲାଗୁଛି
ପ୍ରକୃତି ବଦଳି ଯାଉଛି....!!
ଶିଶିର ବିନ୍ଦୁତ ଟପ ଟପ ହୋଇ
ବୃକ୍ଷ ପତ୍ରୁ ଝରି ପଡୁଛି....
ବୃନ୍ତ ଚ୍ୟୁତ ପତ୍ରେ ପଡିଣ ଶିଶିର
ମଧୁର ସ୍ୱରେ କି ଗାଉଛ....!!
ଗଛ କୋରଡରେ ଭଅଁର ଘୁମାଏ
ଶୀତ ଡରେ ଲୁଚ଼ି ରହିଛି....
ଫୁଟିଲା ଫୁଲରେ ଜଡିତ ଶିଶିର
ମଧୁ ପାଇଁ ପ୍ରାଣ ଦହୁଛି..!!
ଘାସ ଗାଲିଚ଼ା ରେ ଶିଶିର ବିନ୍ଦୁର
କାନ୍ତି ଝଲମଲ ଦିଶୁଛି....
କଅଁଳ ସୂରୁଯ କିରଣେ ବିଚ଼ିତ୍ର
ଚ଼ିତ୍ର କମନୀୟ ହୋଇଛି...!!
ମାଘ ପରେ ପରେ ଫଗୁଣ ଆସିବ
ବୃକ୍ଷ ଲତା ହେବେ ସୁନ୍ଦରୀ.....
ନବ ପଲ୍ଲବ ରେ ତନୁକୁ ସଜେଇ
ସୁମନେ ମଣ୍ଡିବେ କବରୀ.... !!
ଚ଼ହଟିବ ବାସ ମଳୟରେ ମିଶି
ପୁରୁଷ ମନକୁ ମୋହିବ....
କାମନା ପୀଡାରେ ଅଙ୍ଗ ଦଗ୍ଧ ହେବ
କାମିନୀ ସଙ୍ଗକୁ ଲୋଡିବ...!!
ବସନ୍ତ ଋତୁ ଟି ଋତୁରାଜ କହି
କୋକିଳ ସଂଗୀତ ଗାଇବ...
ନିର୍ମଳ ଗଗନେ ଜହ୍ନ ହସୁଥିବ
ପ୍ରିୟା ପ୍ରୀତି ରସେ ରସିବ...!!
ଯେତେ ସବୁ ସୁଖ ଜଗତରେ ଅଛି
ମନ୍ମଥରୁ ହେଲେ ବିମୁକ୍ତ....
ଆଉ ଯେତେ ବାଧା ବନ୍ଧନ କି ହେବ
ସଂସାରରେ ତୁଚ୍ଛ କ୍ଷଣିକ....!!

*(ସଭାପତି ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)*

## ଦୁନିଆ କୃଷ୍ଣମୟ ଲାଗେ

*କମଳାକାନ୍ତ ପାଲ୍*

କେଉଁଠି କେମିତି
ତୁମରି ଭାବନା
ଆପେ ଛନ୍ଦି ହୋଇଯାଏ,
ସେଥି ପାଇଁ ବୋଧେ
ହୃଦୟଟା ମୋର
ଛନଛନ ନିଇତି ହୁଏ ।
କେବେ ହଜିଯାଏ
ଆଖିରୁ ମୋ ? ନିଦ
ରାତିକୁ ଦିନ ଯେ ମଣେ,
ସେଥି ପାଇଁ ବୋଧେ
ତୁମରି ଆଖିରେ
ନିଦ ଭରି ଭରି ଯାଏ ।
ମନେପଡ ଯେବେ
ଲେଖିବାକୁ ବସେ
ଶବଦ ସବୁ ବସା ବାନ୍ଧ ?,
ସେଥିପାଇଁ ବୋଧେ
ତୁମରି ବାସନା
ସାରାଦେହେ ମୋର ଚ଼ହଟେ ।
ଚ଼ାଲୁ ଚ଼ାଲୁ ଯେବେ
ଅଣ୍ଟା ଫୁଲ ବାଜେ
ଘୁଙ୍ଗୁରର ଶବଦ ଆସେ,
ସେଥିପାଇଁ ବୋଧେ
ଆନମନା ମନ
ମୁଁ ଯେ ତୁମକୁ ଖୋଜିବୁଲେ ।
କାଇଁଚ଼ କଉଡି
ଦାଣ୍ଡ ଧୂଳି ଯେତେ
ଦେହେ ମାଠୁଥିଲା ମତେ,
ଏଇ ସମ୍ପର୍କ ବୋଧେ
ରାଧାର ମୀରାର
ଦୁନିଆ କୃଷ୍ଣମୟ ଲାଗେ ।

*ଗୋଠମୁହଁ, ଛତିଆ, କଟକ*

## ମୋ ପ୍ରୀୟା ପାଇଁ ପଦେ

*ଉମାଶଙ୍କର ପ୍ରସାଦ*



କେତେ ଭଲପାଏ ତୁମକୁ ମୋ ପ୍ରିୟା
କହିବି କେମିତି ଖୋଲି
ମୋ ପାଖେ ବସିଲେ ହସ ହସ ମୁହେଁ
ଦୁନିଆଁକୁ ଯାଏ ଭୂଲି- ୧ -
ତୁମ ମନ ଦିନେ ତୁମ ପାଖେ ଥିଲା
ମୋ ପାଖେ ଥିଲା ମୋ ମନ
କେମିତି କେଜାଣି ଏକ ହୋଇଗଲା
ଏ ଥିଲା ବିଧି ବିଧାନ- ୨ -
ବିଛଣା ଛାଡିବା ଆଗରୁ ଗୋ ତୁମେ
ଚା କପେ ଧରି ହାତେ
ସୁ ପ୍ରଭାତ ବୋଲି କହିଦିଅ ଯେବେ
ଖୁସିରେ ମୋ ଦିନ ବିତେ-୩-
ହୃଦୟ କନ୍ଦରେ ଅତି ସହଜରେ
ଜାଗାଟେ ନେଇଛ କିଣି
ତୁମ ଅର୍ଚ୍ଚନାରେ ଏ ଛାର ପ୍ରେମିକ
ଦୁନିଆକୁ ନିଏ ଯିଣି-୪-
ଯାହାବି ହେଉନା କାହିଁକି ଗୋ ପ୍ରିୟା
ଆମ ପ୍ରେମ ନୈସର୍ଗିକ
ପ୍ରେମ ଆକର୍ଷଣ ପ୍ରେମ ବାର୍ତ୍ତାଳାପ
କେବଳ ନୁହେଁ ଦୈହିକ !-୫-

*ଖୋର୍ଦ୍ଧା*
*ମୋ:୭୩୭୦୬ ୭୫୫୭୨*

## ମନ୍ଦିର ମାଳିନୀ ସହର

*ସୁନୀଲ କୁମାର ପ୍ରଧାନ*

ଆମ ରାଜଧାନୀ ଭୁବନେଶ୍ୱରରେ
ରହିଛି କେତେ ମନ୍ଦିର
ମନ୍ଦିର ମାଳିନୀ ସହର ଆମର
ରହିଛି ସତେ ଗିର ।
ମହାଦେବ ଶିବ ବାସକରିଥାନ୍ତି
ଲିଙ୍ଗରାଜ ନାମରେ
ଭୁବନେଶ୍ୱରରେ ଦେବୀ ଭୁବନେଶ୍ୱରୀ
ରହିଅଛି ନାମରେ ।
କେଦାରଗୌରୀ ମନ୍ଦିର ରହିଛି
ସୁନ୍ଦର ସେ କାରୁକାର୍ଯ୍ୟ
ରାମ ମନ୍ଦିର ଯେ ରହିଅଛି ଭାଇ
ଦେଖିଲେ ଲାଗେ ଆଶ୍ଚର୍ଯ୍ୟ ।
ପଶୁ ପକ୍ଷୀ କେତେ ରହିଅଛି ସତେ
ଅଟେ ସେ ପ୍ରାଣୀ ଉଦ୍ୟାନ
ନନ୍ଦନ କାନନ ତାହାରି ଯେ ନାମ
ମୋହି ନେବ ଆମ ମନ ।
ଆସ ଆମେ ଥରେ ବୁଲିବାକୁ ଯିବା
ଭୁବନେଶ୍ୱର ରାଇଜ
କେତେ ନାନା ମନ୍ଦିର ବୁଲିଆସିଯିବା
କରିବା ନାନା ମଉଜ ।

*ଝାଟିପଦର, ପାଲୁର, ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ହେ ନୂଆ ବର୍ଷ ଆସିବ କି ନୂଆ ସକାଳ ନେଇ

*ପ୍ରଶାନ୍ତ କୁମାର ନାଥ*



ଆସିବ କି ନୂଆ ବରଷ
ନୂଆ ସକାଳ ନେଇ
ପ୍ରତି ମନ ପ୍ରାଣେ ଭରିବ
ନବ ସମ୍ଭାର ହୋଇ ।
ମନ ଆକାଶରେ ଉଇଁବ
ନବ ସୂରୁଜ ପ୍ରଭା
ସୁନେଲି କିରଣ ଛାଇରେ
ବିଶ୍ୱ ଦିଶିବ ଶୋଭା ।
ଆସ ଆସ ନବ ବରଷ
ମନେ ହରଷ ଭରି
ବିଶ୍ୱ ସଂସାରର କୋଳକୁ
ସୁଖ ଶାନ୍ତିକୁ ଧରି ।
ଅଧା ଅଧୁରାର ସ୍ୱପ୍ନଟି
ହେଉ ସ୍ୱୟଂ ସମ୍ପୂର୍ଣ୍ଣ
ବିଶ୍ୱର ଏକତା ସଂହତି
ସଦା ରହୁ ଅକ୍ଷୁର୍ଣ୍ଣ ।
ପୁରି ଉଠୁ ନବ ଚେତନା
ବିଶ୍ୱ ମନ ପ୍ରାଣରେ
ଦେଶର ପ୍ରଗତି ସମୃଦ୍ଧି
ବଢୁ ଦ୍ରୁତ ଗତିରେ ।
ପୁରୁଣା ରଜନୀ ପୁହାଇ
ଆସୁ ନବ ସକାଳ
ରସମୟ ହେଉ ପୃଥିବୀ
ବଞ୍ଚୁ ଜୀବ ସକଳ ।
ପୁଷ୍ପର ମହକ ଫୁଟାଇ
ବୋହୁ ମୃଦୁ ପବନ
ନିରୋଗ ହୋଇଣ ବଞ୍ଚୁ ହେ
ଏହି ବିଶ୍ୱ ଜୀବନ ।
ରାଗ ହିଂସା କ୍ରୋଧ ସମାଜୁ
ଦିଅ ଆସି ଦୂରାଇ
ସାର୍ଥକତା ଲଭୁ ବରଷ
ତୁମ ସାନ୍ନିଧ୍ୟ ପାଇ ।
ଖିଲି ଖିଲି ହସ ଫୁଟାଇ
ଦିଅ ଶିଶୁ ମୁଖରୁ
ଭୁଲି ଜାତୀୟତା ଭାବକୁ
ହୃଦେ ଏକତା ଭରୁ ।
ଦେଶଦ୍‌ରୋହୀ ଆତ୍ମଘାତିଏ
ଏହି ବିଶ୍ୱରୁ ମିଟୁ
ଅପେକ୍ଷା ରହିଛି କ୍ଷଣିକ କାଳ
ରାତ୍ରୀ ଯେ ହଟୁ ।

*ରାଜନଗର, କେନ୍ଦ୍ରାପଡ଼ା*

## ଶେଷ ସୂର୍ଯ୍ୟ

*ସୁବ୍ରତ କୁମାର ଜେନା*



ହେ ଆଗନ୍ତୁକ ଆଉ ଆଗଅନି ଆଗକୁ,
ଭୁଲକରି ଲଙ୍ଘି ଯାଅନି ସୀମାକୁ,
ଆଶା ସବୁ ପାଲଟି ଗଲେଣି ମଦିରା,
ସେ ମଦିରା ନିଶାରେ ସମସ୍ତେ ମାତାଲ,
କାହାର ଟଙ୍କା,କାହାର ପ୍ରତିପତ୍ତି,କାହାର ପଦବୀ,
ମୁଁ କିନ୍ତୁ ସେବେଠୁ ପଡିଛି ଏଇ ମାଟି ପିଣ୍ଡାରେ,
ମୋ ପାଇଁ ଆଶା ଏକ ମରୀଚ଼ିକା,
ଏଇ ଅଛି ଏଇ ନାଇ,
ଚ଼ାଲିଯାଏ ଦୂରକୁ ଦୂରକୁ ବହୁ ଦୂରକୁ ।

ମୁଁ ବି ଆଜି ନିଶାରେ,
ହେଲେ ମାତାଲ ନୁହଁ ସଲପ ନିଶାଭଳି,
ବରଂ ପିଉଛି ମୋ ଦୁଃଖର ମଦିରାକୁ,
ଏଇ ମୋର ଝାଟିମାଟି କୁଡ଼ିଆହିଁ ମୋର ମଧୁଶାଳା,
ମୁଁ ନିଶାସକ୍ତ ସକାଳରୁ ସଂଜ ଯାଏ,
କେବେ ମୋ ନିଜ ଲୁହରେ ,
କେବେ ପୁଣି ପରିବାର ଜଞ୍ଜାଳର ପୀଡାରେ,
ଆଉ କଣ ବା ଲୋଡ଼ା ଆଉ ଏକ ମଧୁଶାଳା ।

ଆଗନ୍ତୁକ,ପାରିବୁତ ଦେଖେଇଦେ,
ମତେ ପଥ ମୁକ୍ତିର,
ପାରିବୁତ ବୁଝାଇଦେ ପଥ ଧର୍ମର,
ସେ ଧର୍ମ କେବଳ ମାନବ ଧର୍ମ ହେବା ଆବଶ୍ୟକ,
ମୁଁ ତୁମ ଭଳି ମହାନ ନୁହଁ,
ମୁଁ ପାରିବିନି ବିନ୍ଦୁରୁ ସିନ୍ଧୁର ସନ୍ଧାନ କରି,
ଛକି-ଶୁନ ଖେଳୁ ଖେଳୁ ,
ଅଡ଼ି ବସିବି ଗୋଟେ ସୁନା ହରିଣ ପାଇବାକୁ,
ଆଉ ତାପରେ ଆରମ୍ଭ ହୋଇଯିବ ସମୟ ପତନର ।

କେଉଁ ଅନାଦି କାଳରୁ ତୁମେ ଅଛ ?
ସତରେ ତୁମେ କଣ ଗୋଟେ ମହାଦ୍ରୁମ !
ତୁମେ ଥିଲ, ଅଛ ଆଉ ଥିବ ଯୁଗ ଯୁଗ ଧରି,
ପାରିବତ ତୁମ ସୁଶୀତଳ ପରସରେ ,
ଓଦା କରିଦିଅ ମୋ ନୟନ ଯୁଗଳକୁ,
ମୁଁ ଚ଼ାହେଁ ଫେରିବାକୁ ଅନନ୍ତ ଶୟନର ଶାନ୍ତିକୁ,
ଅନେକ ଦେଖିଲିଣି ଅନଳ,
ଭୟ ଲାଗେ ହୁଏତ ଜଳିଯାଇପରେ ସବୁ କିଛି,
ଆଗନ୍ତୁକ ଏବେ ଏସାବୁରୁ ନିବୃତ କରାଅ ,
ଆଶା କିରଣର ଶେଷ ସ୍ୱର୍ଯ୍ୟ ହୋଇ ।

*ଶୁରଡିହ,ନନ୍ଦିପୁର, ଯାଜପୁର*
*ଦୂରଭାଷ-୯୭୭୬୨୦୮୯୩୦*

## ମୟୂରଭଞ୍ଜର ମକର ପରବ

*କବିରତ୍ନ ନୂତନ କୁମାର ବେହେରା*



ଶୀତ ଋତୁର ପୌଷମାସ ଶେଷରେ ମାଘର ଆରମ୍ଭ ?
ଆସେ ଯେଉଁ ସଂକ୍ରାନ୍ତି ସେ ଦିନ ହୁଏ ମକର ପରବ
ସେ ଆମ ଜାତି ସଂସ୍କୃତି ପରମ୍ପରା ଗଉରବ ଗରବ
ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପାଳିତ ହୁଅଇ ଧୁମ୍ ଧାମ୍
ଗଣପର୍ବ ଭାବରେ ପୁର ପଲ୍ଲୀରୁ ସହର ବଜାର ଯାକ
ମୟୂରଭଞ୍ଜ ଜିଲ୍ଲାରେ ତାର ସ୍ୱାଦ ଲାଗେ ନିଆରା
ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏ ମୁଖ୍ୟ ମହୋତ୍ସବ
ସପ୍ତାହ ବ୍ୟାପୀ ଚ଼ାଲେ ହସ ଖୁସି ଆନନ୍ଦ କରି ଅନୁଭବ
ଆବାଳବୃଦ୍ଧବନିତା ଯେତେ ପିନ୍ଧଥାନ୍ତି ନୂଆ ଲୁଗାପଟା
ଘରେ ଘରେ ହୁଏ ପିଠାପଣା ମାଂସ ଭାତ କ୍ଷୀରି ପୁରି
ଆରିସା କାକରା ସାଥେ ମକରମଣ୍ଡା ହୁଏ ସ୍ୱତନ୍ତ୍ର ଭାବେ
ଖିଆପିଆ ସାଥେ ହୁଏ ବନ୍ଧୁମିଳନ ପ୍ରକାଶି ଆତ୍ମୀୟତା
ଗାଆଁ ପାଖ ପୋଖରୀ କି ନଈରେ ହୋଇଥାଏ କୁମା
ସେ ' ମକରକୁମା ' ବା ' ମକରଭାଡ଼ି ' ନାମେ ଖ୍ୟାତ
ସେ ଦିନ ପାହାନ୍ତି ପହରରେ ଜାଳି ଏ ମକର କୁମା
ଗୋଡ଼ଧୋଇ ନିଆଁ ପୁହଁନ୍ତି ଯେତେ ପୁରୁଷ ବାଳରୁ ବୃଦ୍ଧ
ପୌରାଣିକ କିମ୍ବଦନ୍ତୀ କହେ ସେ ଦିନ ବ୍ରହ୍ମ ମୁହୂର୍ତ୍ତରେ
ଗଙ୍ଗାମାତା ପ୍ରତି ଜଳାଶୟେ ହୁଅନ୍ତି ସ୍ୱୟଂ ଆବିର୍ଭାବ
ସ୍ନାନ କଲେ ସେ ସମୟେ ମିଳେ ଗଙ୍ଗାସ୍ନାନର ମହାପୁଣ୍ୟ
ଭରସା ବିଶ୍ୱାସର ଧାର୍ମିକ ଚେତନା ରଖେ ପବିତ୍ରତା
ଦେବାଳୟେ ପୂଜି ଶିବ ଯଜମାନଙ୍କୁ ଗ୍ରାମ ପୁରୋହିତ
ଘର ଘର ଯାଇ ମକର ଚ଼ାଉଳ ବାଣ୍ଟନ୍ତି କରି କଲ୍ୟାଣ
ଅବିବାହିତ ଝିଅମାନେ ଦେବୀ ମାଆଙ୍କ ପ୍ରତିମାକୁ
' ଟୁସୁ ' ରୂପରେ ବୁଲାନ୍ତି ଗୀତ ଗାଇ ପଡ଼ ?ଶୀ ଘରେ
ଭସାଇ ସେ ଟୁସୁ ନଦୀରେ ଘରକୁ ଫେରନ୍ତି ସ୍ନାନ ସାରି
ଏ ଭାବରେ ' ମକର ପରବ ' ପାଳିତ ହୁଏ ଆଡ଼ମ୍ବରରେ
ସପ୍ତାହ ଯାକ ଉପର ଓଳି ବିଭିନ୍ନ ସ୍ଥାନେ ହୁଏ ମେଳା
ପ୍ରବଳ ଜନସମାଗମ ମଧ୍ୟରେ ଚ଼ାଲେ ନାଟ ତାମସା
ପାଇକ ଆଖଡ଼ାର ସେ ପ୍ରତୀରୂପ ଖେଳ କୁଦ ନାଚ଼
ଦୋକାନ ବଜାରର ଗହଳିରେ ହେଉଥାଏ ବିକାକିଣା
ମୟୂରଭଞ୍ଜର ମକର ଦେଖିଛି ଯିଏ ପାରେନା ଭୁଲି
ଏ ମନ ପ୍ରାଣର ଏକ ଦୀର୍ଘ ଅବସର ବିନୋଦନ ସମୟ
ନ ଥାଏ କାହାରି କିଛି ଅଭାବ ଅନାଟନର ଦୁରବସ୍ଥା
ମକର ଆଣିଦିଏ ଜୀବନକୁ ଉପଭୋଗ କରିବା ପାଇଁ
ସର୍ବସାଧାରଣ ଲୋକମାନଙ୍କ ମଧ୍ୟରେ ଅପୂର୍ବ ସୁଯୋଗ
ହେଲେ ବି ମକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପରବ
ବୈଶିଷ୍ଟତା ତାର ସାମ୍ପ୍ରଦାୟିକତାରେ ରଖେ ଭାତୃଭାବ
ସଂପର୍କକୁ ମଧୁର କରି ଯୋଡ଼ିଦିଏ ସଂହତି ଏକତାରେ
ମୟୂରଭଞ୍ଜର ମକର ପରବ ଜନପ୍ରିୟ ଏ ଅଞ୍ଚଳରେ ।

*ବାରିପଦା,ମୟୂରଭଞ୍ଜ*
*ମୋ.ନଂ: ୮୦୧୮୩୫୩୩୨୨*




## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କିନ୍ନରଙ୍କ ଅଧିକାର ସମ୍ପର୍କରେ ସଚେତନତା ଶିବିର

କେନ୍ଦ୍ରାପଡ଼ା,(ପି.ଏନ)କ: କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କିନ୍ନରମାନଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗରାପୁରସ୍ଥିତ ରେସଓ୍ୱା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ମୁଖ୍ୟ ଅତିଥି ଓ ବରିଷ୍ଠ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କିନ୍ନରମାନଙ୍କ ଅଧିକାର ସମ୍ପର୍କିତ ଆଇନ, ଧନ୍ଦାମୂଳକ ତାଲିମ, ଶିକ୍ଷା ବ୍ୟବସ୍ଥା ଭଳି ବହୁ ଯୋଜନା ଗୁଡିକ ଉପରେ ଉପସ୍ଥିତ କିନ୍ନରମାନଙ୍କୁ ଅବଗତ କରାଇଥିଲେ।

## ଆଦର୍ଶ ସୋସାଇଟି ପକ୍ଷରୁ ବନ୍ଧୁ ମିଳନ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହର ଉପକଣ୍ଠ ଦୁହୁରିଆ ସ୍ଥିତ ହାଡିବନ୍ଧୁ ବିହାର କଲୋନୀର ଆଦର୍ଶ ସୋସାଇଟି ପକ୍ଷରୁ ନବବର୍ଷ ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋସାଇଟିର କୁନି କୁନି ପିଲା ଓ ଗୋକୁଳଚନ୍ଦ୍ର ସଂଗୀତସଦନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୋସାଇଟିର ସଭାପତି ବ୍ରଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସକ ଡା. ବୀରେନ୍ଦ୍ର କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦୁର୍ଯ୍ୟୋଧନ ରଥ ଯୋଗଦେଇଥିଲେ। ସୋସାଇଟିର ସମ୍ପାଦକ କମଳଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ସାହୁ, ପ୍ରଦିପ୍ତ କୁମାର ତ୍ରିପାଠୀ, ସମୀର ଚାନ୍ଦ, ସୁଧିର କୁମାର ନାୟକ, ରବିନ୍ଦ୍ର କୁମାର ସାହୁ, ଗିରିଶ ଚନ୍ଦ୍ର ତ୍ରିପାଠୀ, ଗଙ୍ଗାଧର ଦାସ, ସରୋଜକାନ୍ତ ପରିଡା, ବସନ୍ତ କୁମାର ମିଶ୍ର, ଗୁଲୁରି ମଲିକ, ସୁଦିପ୍ତ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କଲୋନୀରେ ୧୩୫ଟି ଗୃହ ଦିଆଯାଇଥିବା ବେଳେ ସେଠାରେ ମନ୍ଦିର, ପାର୍କ ଓ ଗୋଷ୍ଠିକେନ୍ଦ୍ର ପ୍ରଭୃତିର ଆଗାମୀ ଦିନରେ ବ୍ୟବସ୍ଥା କରିବାକୁ କଲୋନୀ ନିର୍ମାତା ବି.ଏନ.ଡେଭଲପର୍ସକୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଆଦର୍ଶ ଶିକ୍ଷକ ଲକ୍ଷ୍ମୀନାରାୟଣ ପ୍ରସାଦଙ୍କୁ ରାଜ୍ୟପାଳଙ୍କ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ମାଟିର ସୁନାମଧନ୍ୟ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ପ୍ରସାଦ ଦାସଙ୍କ ଏକାଦଶାହ ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ତାଙ୍କ ପ୍ରତି ଭାବପୂର୍ଣ୍ଣ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହିତ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟପାଳ ପୂର୍ବାହ୍ନରେ କେନ୍ଦ୍ରାପଡ଼ା ସହରର କାକଟସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ପ୍ରଥମେ ଲକ୍ଷ୍ମୀନାରାୟଣ ପ୍ରସାଦ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ଏବଂ ଏକ ଭାବପୂର୍ଣ୍ଣ ଭକ୍ତି ସଙ୍ଗୀତ ଗାନ ପୂର୍ବକ ସ୍ୱର୍ଗତଃ ଦାସଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ରାଜ୍ୟପାଳଙ୍କ ସହିତ ତାଙ୍କ ସୁପୁତ୍ର ମନିଷ ଅଗ୍ରୱାଲ ମଧ୍ୟ ଅନୁରୂପ ଭାବେ ସ୍ୱର୍ଗତଃ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ରାଜଭବନର ବରିଷ୍ଠ ଚିକିତ୍ସା ବିଶେଷଜ୍ଞ ଡ଼ା. କୃତ୍ତିବାସ ପରିଡ଼ା ମଧ୍ୟ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ରାଜ୍ୟପାଳ ଓ ତାଙ୍କ ସୁପୁତ୍ର ଦୀର୍ଘ ସମୟ ଧରି ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କ ସହିତ ଭାବବିନିମୟ ପୂର୍ବକ ସମବେଦନା ଜଣାଇ ଥିଲେ। ଶେଷରେ ରାଜ୍ୟପାଳଙ୍କୁ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ପ୍ରସାଦଙ୍କ ତିନିପୁଅ ଶାରଦା ପ୍ରସାଦ ଦାସ, ଇଂ. ଭାଗବତ ପ୍ରସାଦ ଦାସ ଓ ଅମ୍ବିକା ପ୍ରସାଦ ଦାସଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟମାନେ କୃତଜ୍ଞତା ଜଣାଇଥିଲେ।

## ମଦ୍ରାସା ଇସଲାମିଆ ଆରବିୟାରେ ପୋଷାକ ବିତରଣ ଉତ୍ସବ

କେନ୍ଦ୍ରାପଡ଼ା,,(ପି.ଏନ): କେନ୍ଦ୍ରାପଡା ସହରର ଦିଲଓ୍ୱାରପୁରସ୍ଥିତ ମଦ୍ରାସା ଇସଲାମିଆ ଆରବିୟାରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜନାବ ସେକ ଗୋଫ୍ରାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୌର ଉପାଧକ୍ଷା ଆକବରୀ ଖାତୁନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଦୁଇହଳ ଫ୍ରକ, ପ୍ୟାଣ୍ଟ, ସାର୍ଟ, ଜୋତା ଓ ମୋଜା ବଣ୍ଟନ କରିବା ସହ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଦ୍ରାସାର ପ୍ରଧାନ ମୌଲବୀ ସୟଦ ଅଖତର ଅଲ୍ଲୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସି.ଆର.ସି.ସି. ଦେବାଶିଷ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନରେ ମନୋନିବେଶ କରି ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଦ୍ରାସା ପରିଚାଳନା କମିଟିର ସଦସ୍ୟ ଆଇନଜୀବୀ ସୟଦ ମୁକ୍ତାର ଅଲ୍ଲୀ, ସେକ ନୁରୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ।

## ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ସ୍ୱାଗତ

କେନ୍ଦ୍ରାପଡା (ପିଏନ୍): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ କେନ୍ଦ୍ରାପଡାରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ସ୍ୱାଗତ କରାଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସ୍ମୃତି କମିଟି ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଆଇନଜୀବୀ ସଂଜୟ କୁମାର ଜେନା, ଧିରେନ୍ଦ୍ର କୁମାର ଦାସ , ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂ, ସତ୍ୟପ୍ରିୟ ଦାସ, ରମାକାନ୍ତ ସ୍ୱାଇଁ, ଅରୁଣ ପ୍ରସାଦ ଦାସ, ନିରଞ୍ଜନ ବଳ, ହାଡିବନ୍ଧୁ ସିଂ, ସ୍ମୃତି ରଂଜନ ସିଂ, ସୁବାଷ ମିଶ୍ର, ବ୍ରଜ ସୁନ୍ଦର ରାଉତ, ମାନସ ରଂଜନ ଧଳ, ଶେଷଦେବ ଦାସ, ଇତିହାସ ଲେଙ୍କା, କିଶୋର ଚନ୍ଦ୍ର ପ୍ରଧାନ,ଅଫସର ଅଲ୍ଲୀ ବକ୍ସ, ଦୀପକ କୁମାର ପ୍ରଧାନ ପ୍ରମୁଖ ଭେଟି ଉତରୀୟ, ପୁଷ୍ପଗୁଚ୍ଛ ଓ ବିପ୍ଳବୀଙ୍କ ଜୀବନୀ ପୁସ୍ତକ ପ୍ରଦାନ କରି ସ୍ୱାଗତ କରିବା ସହିତ ଜଣେ ଦକ୍ଷ ଅଧିକାରୀ ଭାବେ କେନ୍ଦ୍ରାପଡାର ବିକାଶ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ।

## ଆସାନି ଆବାକ୍ସର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଆଜି ଆସାନି ଆବାକ୍ସର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ସି.ଓ୍ୱାଇ.ଏସଡ଼ି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତା ଭୁବନେଶ୍ୱରସ୍ଥିତ ଆରିଫିନ ଏକାଡେମୀ ପରିସରରେ ଗତ ମାସ ୧୮ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ୬୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଛାତ୍ରଛାତ୍ରୀ ବିଭିନ୍ନ ଜିଲ୍ଲାରୁ ଆବାକସ୍, ବେଦିକ ଗଣିତ, ଚିତ୍ରାଙ୍କନ ଓ ସୁନ୍ଦର ହସ୍ତଲିପି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଜିର ଏହି ପୁରସ୍କାର ବିତରଣ ଉତ୍ସବରେ ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ପ୍ଲାନିଙ୍ଗ, ଆପ୍ଲାଏଡ଼ ଇକୋନୋମିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ (ରିପାସ୍)ର ନିର୍ଦ୍ଦେଶକ ବିଜୟ ଭୂଷଣ ନନ୍ଦ ଓ ଚିତ୍ତରଞ୍ଜନ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆସାନି ଆବାକ୍ସର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଗୌଡ଼ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସାନି ଆବାକ୍ସର ନିର୍ଦ୍ଦେଶିକା ଶ୍ରୀମତୀ ଗୀତାଞ୍ଜଳି ଗୌଡ଼ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୬ରୁ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା

କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲାପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୬ତାରିଖଠାରୁ ୨୦ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ। କେନ୍ଦ୍ରାପଡା ଜିଲ୍ଲା ଓ ରାଜ୍ୟର ଅନ୍ୟ ବିଭିନ୍ନ ଜିଲ୍ଲା ଗୁଡିକରୁ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟମାନେ ଏହି ମେଳାରେ ସେମାନଙ୍କ ସ୍ୱଉତ୍ପାଦିତ ହସ୍ତଶିଳ୍ପ, ଘରକରଣା, ଖାଦ୍ୟସାମଗ୍ରୀ, କଣ୍ଢେଇ, ଟେରୋକୋଟା, ନଡିଆ କତାରେ ନିର୍ମିତ ସାମଗ୍ରୀ ଗୁଡିକ ପଦର୍ଶନ କରିବା ସହ ବିକ୍ରିବଟା କରିବେ। ମିଶନ ଶକ୍ତିର ସଦସ୍ୟାମନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଉଦେଶ୍ୟ ନେଇ ଯେଉଁ ଯୋଜନାଗୁଡିକ ଫଳପ୍ରସୂ କରିବାକୁ ରାଜ୍ୟ ସରକାର ପ୍ରତିଶୃତି ବଦ୍ଧ, ସେଥିମଧ୍ୟରୁ ପଲ୍ଲିଶ୍ରୀମେଳା ମାଧ୍ୟମରେ ସେମାନଙ୍କୁ ନିଜର ସ୍ୱ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା କରିବାକୁ ସୁଯୋଗ ଦେବା ଏହାର ଏକ ଅଂଶ ବିଶେଷ। ଫଳରେ ମିଶନ ଶକ୍ତିର ମହିଳା ସଦସ୍ୟାମାନେ ସେମାନଙ୍କ ସାମଗ୍ରୀ ଗୁଡିକୁ ବିକ୍ରି କରିବା ପାଇଁ ଏକ ସୁବନ୍ଦୋବସ୍ତ ବଜାର ପାଇବା ସହ ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ଅପର ପକ୍ଷରେ ଏହି ପଲ୍ଲିଶ୍ରୀ ମେଳା ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଏସଏସଜି ଗ୍ରୁପର ସଦସ୍ୟାମନେ ନିଜନିଜର କଳା କୌଶଳର ଆଦାନ ପ୍ରଦାନ କରିପାରିବେ। ପଲ୍ଲିଶ୍ରୀ ମେଳା ସହ ସାଂସ୍କୃତିକ ଉତ୍ସବ ଆୟୋଜନ ଏକ ଅନନ୍ୟ ସଂଯୋଜନା। କେନ୍ଦ୍ରାପଡା ଜିଲ୍ଲାର କଳା ସଂସ୍କୃତି, ଲୋକକଳା, ପରମ୍ପରା ଓ ଐତିହ୍ୟ ଅତି ମହାନ ଏବଂ ଏହାକୁ ପ୍ରଚାର ପ୍ରସାର କରିବା ସହିତ ଉଜ୍ଜିବୀତ କରି ରଖିବା ଲାଗି ସାଂସ୍କୃତିକ ଉତ୍ସବ ଆୟୋଜନର ମୂଳ ଉଦ୍ଦେଶ୍ୟ। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରହିତ୍ୟରେ ଆଗାମୀ ଜାନୁୟାରୀ ୧୬ତାରିଖରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ସାଂସଦ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ଆରକ୍ଷୀ ଅଧିକ୍ଷକ ସନ୍ଦିପ୍ ସମ୍ପଦ ମଡକର ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚି ରହିଛି।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଓ ଦକ୍ଷତା ବିକାଶ ତାଲିମ କର୍ମଶାଳା

ବାଲେଶ୍ୱର ,(ପି.ଏନ): ଗୋଟିଏ ମଞ୍ଚରେ ନିଯୁକ୍ତିର ସୁଯୋଗ ଓ ଦକ୍ଷତା ବିକାଶ ତାଲିମ ଦେଇ ଅଣନିଯୁକ୍ତି ଯୁବଗୋଷ୍ଠିଙ୍କୁ ଉପାର୍ଜନ କ୍ଷମ କରିବା ନିମନ୍ତେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ଓ ଜିଲ୍ଲା ପ୍ରଶାସନ ବାଲେଶ୍ୱରଙ୍କ ଦ୍ୱାରା ସ୍ଥାନୀୟ ଆଇ.ଟି.ଆଇ ପଡ଼ିଆରେ ଏକ ନିଯୁକ୍ତି ମେଳା ଓ ଦକ୍ଷତା ବିକାଶ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଅଛି। ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବାଲେଶ୍ୱର, ଉପନିର୍ବାହୀ ଅଧିକାରୀ, ସରକାରୀ ଆଇ.ଟି.ଆଇ ଅଧକ୍ଷ ଏବଂ ସଦର ବିଡ଼ିଓ ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ସାଲିସବିହୀନ ସଂସ୍କୃତି ଐତିହ୍ୟ ନିର୍ଭୀକ ସାମ୍ବାଦିକ-ପ୍ରଦ୍ୟୁମ୍ନ ଶତପଥୀ

ଭୁବନେଶ୍ୱର (ପିଏନ୍): ବୌଦ୍ଧିକ ସମାବେଶ ଓ ମୁକ୍ତାକାଶ ପାଠାଗାର ପରିସରରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ୬୩ତମ ଜନ୍ମଦିନ ପାଳନ କରାଯାଇଛି। ବୌଦ୍ଧିକ ସମାବେଶର ସଭ୍ୟାମାନଙ୍କ ଦ୍ୱାରା ରାଜା ଛକ ପରିସରରେ ବନ୍ଦନା ଗାନ କରାଯାଇ ତାଙ୍କର ଦୀର୍ଘାୟୁ କାମନା କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ଶତପଥୀ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶ୍ରୀ ଶତପଥୀ କହିଥିଲେ ରାଜଧାନୀ ସମାବେଶର ସମସ୍ତ ସଦସ୍ୟମାନଙ୍କ ଜନ୍ମଦିନ ପାଳନ କରାଯିବ। ତା'




ସହିତ ସେହିଠାରେ କୌଣସି ଜଣେ ମହାପୁରୁଷଙ୍କ ଓଡ଼ିଆ ଜାତି ପ୍ରତି ଥିବା ଅବଦାନକୁ ସ୍ମୃତି ଚାରଣ କରାଯିବା। ବୌଦ୍ଧିକ ସମାବେଶ ତରଫରୁ ବସ୍ତିରେ ବାସ କରୁଥିବା ଗରିବ ଲୋକଙ୍କ ପିଲାମାନଙ୍କୁ ରାତ୍ରିରେ ପାଠ ପଢାଯିବାର ବନ୍ଦୋବସ୍ତ କରାଯାଉଅଛି। ରାତ୍ରିରେ ଖୋଲା ଆକାଶ ତଳେ ଶୀତରେ ଶୋଉଥିବା ସମସ୍ତଙ୍କୁ କମ୍ବଳ ବଂଟାଯିବ ବୋଲି କହିଥିଲେ ଏବଂ ଏହାସହିତ ଗରିବ ବସ୍ତିର ଲୋକମାନଙ୍କୁ କମ୍ବଳ ବଂଟନ କରାଯିବ। ସେ ସମସ୍ତ ସଦସ୍ୟଙ୍କୁ ଏକ ଆହ୍ୱାନ ଦେଇଥିଲେ ଯେ ସମସ୍ତେ ମିଶିକରି ସମାବେଶକୁ ଆଗକୁ ଆଗେଇ ନେବାପାଇଁ ବାର୍ତା ଦେଇଥିଲେ। ଏହି ଜନ୍ମଦିନ ଉତ୍ସବରେ ସଭାପତି କମଳଲୋଚନ ବିଶ୍ୱାଳ, ଉପସଭାପତି ସୌଭାଗ୍ୟରଂଜନ ମହାନ୍ତି, ସାଧାରଣ ସମ୍ବାଦକ ଲିଙ୍ଗରାଜ କାଟା, ସମ୍ପାଦକ ରାହୁଲ କୁମାର, ସଂଯୋଜକ ବିମଳ ପ୍ରଧାନ, କୋଷାଧକ୍ଷ ଶରତ ରାଉତ ଓ ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରୁ ପିୟୁସ କୁମାର ସ୍ୱାଇଁ, ଆଡଭୋକେଟ ଋତୁରାଜ ପଟ୍ଟନାୟକ, ସଂଜୀବ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ଜଗନ୍ନାଥ ବିଶ୍ୱାଳ, ମାନସ ଦାସ, ସୁନୀଲ କୁମାର ନାୟକ, ସୁବ୍ରତ କୁମାର, ପ୍ରଦୀପ୍ତ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପରିଡା ଏବଂ ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ୧୭ନମ୍ବର ଓ୍ୱାର୍ଡ ସଂରକ୍ଷଣକୁ ବଦଳାଇବା ପାଇଁ ଆବେଦନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରସଂସ୍ଥା ଅନ୍ତର୍ଗତ ୧୭ନମ୍ବର ଓ୍ୱାର୍ଡର ଅଧିବାସୀମାନେ ଅଭିଯୋଗ କରିଛନ୍ତି ଯେ ଗତ ୯ତାରିଖରେ ପ୍ରଶାସନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାଇ ସେହି ଓ୍ୱାର୍ଡଟି ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କିନ୍ତୁ ସେହି ଓ୍ୱାର୍ଡଟିରେ ଶତ ପ୍ରତିଶତ ଅନୁସୂଚିତ ଜାତି ବର୍ଗର ଲୋକମାନେ ବସବାସ କରୁଥିବାରୁ ଓ୍ୱାର୍ଡଟିକୁ ପଛୁଆ ବର୍ଗ ମହିଳା ପରିବର୍ତ୍ତେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ କରାଯିବାକୁ ଓ୍ୱାର୍ଡର ଅଧିବାସୀଙ୍କ ପକ୍ଷରୁ ମହେଶ୍ୱର ମଲିକ, ଦୀପକ ମଲିକ, ଦିଲ୍ଲିପ ମଲିକ, ଶରତ ଚନ୍ଦ୍ର ମଲିକ, ସୁବାଷ ଚନ୍ଦ୍ର ମଲିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେହି ଅଭିଯୋଗର ନକଲ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଏବଂ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଯଦି ସେମାନଙ୍କ ଆପତ୍ତିକୁ ବିଚାର କରାଯାଇ ପରିବର୍ତ୍ତନ କରା ନ ଯାଏ ତେବେ ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ସାଇବର୍ ଠକେଇ ଉପରେ ସଚେତନତା

ଭୁବନେଶ୍ୱର (ପିଏନ୍)-ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ବରିଷ୍ଠ ନାଗରିକ ସଙ୍ଘ ଗୃହଠାରେ ସାଇବର ଠକେଇ ସଚେତନତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ବିଜେଡି ଭୁବନେଶ୍ୱର ଜିଲା ସମ୍ପାଦକ ମନୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ ଯୋଗଦେଇ କହିଥଲେ ମୋବାଇଲ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡିବ। କୌଣସି ଗୁପ୍ତ ନମ୍ବର କାହାକୁ ଦେବେ ନାହିଁ,ଅଯଥା କଲ୍ ଉଠାଇବେ ନାହିଁ, ଏଟିଏମରୁ ଟଙ୍କା ଏଠାଣ ସମୟରେ କାହା ସମ୍ମୁଖରେ ଗୁପ୍ତ ନମ୍ବର ବ୍ୟବହାର କରିବେ ନାହିଁ। ସେହିପରି ବିଭିନ୍ନ ସାଇବର ଠକେଇର ଉଗାହରଣ ଦେବା ସହିତ ସତର୍କ ରହିବା ପାଇଁ ପରାମର୍ଶ ଦେଇଥଲେ। ସଙ୍ଘର ସଭାପତି ହାଡିବନ୍ଧୁ ଦାସ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ରବିନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲୋନୀର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## କଂଗ୍ରେସ ସେବାଦଳ ସଦ୍‌ଭାବନା ସମାବେଶର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଆଗାମୀ ଡିସେମ୍ବର ୨୬ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସଦ୍‌ଭାବନା ସମାବେଶର ସୁପରିଚାଳନା ପାଇଁ ୧୦ ଜଣ ରାଜ୍ୟସ୍ତରୀୟ କର୍ମକର୍ତାଙ୍କୁ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ପର୍ଯ୍ୟବେକ୍ଷକମାନେ ଜିଲ୍ଲା କଂଗ୍ରେସ ସଭାପତି ଓ ଜିଲ୍ଲା ସେବାଦଳର କର୍ମକର୍ତାଙ୍କ ସହ ଯୋଗାଯୋଗ କରି ସଦ୍‌ଭାବନା ସମାବେଶର ସଫଳତା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ନିରଦବରଣ ଖୁଂଟିଆ- କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର- ସୁବାଷ ଚନ୍ଦ୍ର ପରିଡ଼ା, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ-ଅଶୋକ ସିଂହ କଟକ, କଟକ ନଗର, ଜଗତସିଂହପୁର, ଦିଲ୍ଲିପ କୁମାର ପଣ୍ଡା – ସମ୍ବଲପୁର, ବରଗଡ଼, କଳାହାଣ୍ଡି,ବଲାଙ୍ଗିର, ସୁବର୍ଣ୍ଣପୁର, ସେକ ଚାନ୍ଦ ଉସୁମାନି – ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ମହମ୍ମଦ ଶାହାଦୁଲ୍ଲା- ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, ମନୋଜ ସାହୁ – ନୟାଗଡ଼, କନ୍ଧମାଳ, ବୌଦ୍ଧ, ମୁନୁ ସରାଫଙ୍କୁ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ପ୍ରଦୀପ କୁମାର ଦାସ, ଢେଙ୍କାନାଳ, ଅନୁଗୁଳ, କୁଳମଣି ସାହୁଙ୍କୁ, ତ୍ରିଶୁଳିଆ ଶିବିରର ସମସ୍ତ ପ୍ରଶିକ୍ଷଣ କର୍ମକର୍ତା ଓ ସୁଶାନ୍ତ କୁମାର ମହାରଣାଙ୍କୁ ନୂଆପଡ଼ା, ଦେବଗଡ଼, ଗାମ ଓ ଗଜପତି ଜିଲ୍ଲା ଦାୟିତ୍ୱ ଦିଆଯାଇଛି।

## ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘକୁ ଆଲୋଚନାକୁ ଡାକି ଅନୁପସ୍ଥିତ ରହିଲେ ପ୍ରଭାଗୀୟ ଶ୍ରମ ସଂସ୍ଥାପକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘକୁ ୧୫ଦଫା ଦାବି ସମ୍ପର୍କରେ ଆଲୋଚନା କରିବାକୁ ଡାକି କାର୍ଯ୍ୟାଳୟରେ କେନ୍ଦ୍ରାପଡା ପ୍ରଭାଗୀୟ ଶ୍ରମ ସଂସ୍ଥାପକ ମହେଶ୍ୱର ନାୟକ ଅନୁପସ୍ଥିତ ରହିଥିଲେ ବୋଲି ସଙ୍ଘ ଅଭିଯୋଗ କରିଛି। ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ୧୫ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ଓ ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିଲେବି କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସଙ୍ଘର ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଘ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରୁ ପ୍ରଭାଗୀୟ ଶ୍ରମ ସଂସ୍ଥାପକ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କୁ ଏକ ପତ୍ର ଲେଖି ଦାବି ସମ୍ପର୍କରେ ଆଲୋଚନା କରିବାକୁ ଡାକିଥିଲେ। ସଙ୍ଘ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କ ସମେତ ସଭାପତି କାମିନି ମିଶ୍ର, ନିତ୍ୟାନନ୍ଦ ସାମଲ, ଅକ୍ଷୟ କୁମାର ଲେଙ୍କା, ମନୋଜ କୁମାର ପରଡା, ପ୍ରଦୀପ୍ତ ସାମଲ, ସ୍ୱରୂପ କେତନ ଧଳ ପ୍ରମୁଖ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନାବୈଠକରେ ଯୋଗଦେବାକୁ ଅପେକ୍ଷା କରିଥିଲେ। କିନ୍ତୁ ପ୍ରଭାଗୀୟ ଶ୍ରମ ସଂସ୍ଥାପକ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ କାର୍ଯ୍ୟାଳୟରେ ନପହଞ୍ଚିବାରୁ ବାଧ୍ୟହୋଇ ସଙ୍ଘର କର୍ମକର୍ତ୍ତାମାନେ ଫେରିଯାଇଥିଲେ। ତେଣୁ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା ବୋଲି ସଙ୍ଘ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଶୀତ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରି ପାଳନ କଲେ ମକର ସଂକ୍ରାନ୍ତି



ଭୁବନେଶ୍ୱର,(ପି.ଏନ): ଗ୍ୟାରେଜ୍ ଛକ ନିକଟରେ ଥିବା ଗାୟତ୍ରୀ ବସ୍ତିରେ ପବ୍ଲିକ ରାଇଟ ଆସୋସିଏସନ୍ ଓ ଦମୟନ୍ତୀ ଚ଼ାରିଟେବୁଲ ଟ୍ରଷ୍ଟ ର ମିଳିତ ଆନୁକୁଲ୍ୟରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ବୃଦ୍ଧ/ବୃଦ୍ଧା , ଦିବ୍ୟାଙ୍ଗ ମାନଙ୍କୁ କମଳ, ଶୁଖିଲା ଖାଦ୍ୟ ଫଳ ଆଦି ବଣ୍ଟନ କରି ତାଙ୍କ ମୁଖରେ ଖୁସି ଅନୁଭବ କରିଥିଲେ ସମାଜ ସେବୀ, ଆଇନଜୀବୀ ଓ ସାମ୍ବାଦିକ । ଆସୋସିଏସନ୍ର ରାଜ୍ୟ ସଂଯୋଜିକା ତଥା ଚ଼ାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସୁଜାତା ରାଣୀ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା , ଏଥିରେ ସହଯୋଗ କରିଥିଲେ ଭୁବନେଶ୍ୱର ସହର ସଭାନେତ୍ରୀ ଶ୍ରୀମତୀ ପଙ୍କଜିନୀ ବେହୁରା ଓ ଖୋର୍ଦ୍ଧା ଜିଲ୍ଲା ମହିଳା ଶାଖା ଉପ ସଭାନେତ୍ରୀ ସନ୍ତୋଶୀ ଜାଲି, ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ବାସୁଦେବ ସେଠୀ , ବିଶିଷ୍ଟ ସମାଜସେବୀ ତଥା ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ସାମ୍ବାଦିକ ଗଗନ ଭୋଇ, ସାମ୍ବାଦିକ ସତ୍ୟବ୍ରତ ଦାଶ, ସାମ୍ବାଦିକ ରଞ୍ଜିତ ପରିଡ଼ା ,ଆଇନଜୀବୀ ସ୍ୱ ?ତାଲିନା ପଣ୍ଡା, ଦମୟନ୍ତୀ ଚ଼ାରିଟେବୁଲ ଟ୍ରଷ୍ଟ ସଦସ୍ୟା ଭାରତୀ ସବାଡିଆ , ପିଙ୍କିସ୍ମିତା ରାଉତ, ମାମା ମିଶ୍ର,ରାଜୁ ନାଇଡୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳୀତ କରିଥିଲେ ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

କେନ୍ଦୁଝର,(ପି.ଏନ): ଗତ ୬ ତାରିଖ ରୁ ଘଟଗାଁ ବ୍ଲକ ପରିସରରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣାକୁ ନେଇ ୩ ଦଫା ଦାବୀରେ ଧାରଣାରରେ ବସିଥିବା କନିଷ୍ଠ ଯନ୍ତ୍ରୀ ଆନ୍ଦୋଳନ ଶୁକ୍ରାବାର ଦିନ ସ୍ଥଗିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଆନ୍ଦୋଳନରେ ବସିଥିବା ସଂଘର କର୍ମକର୍ତ୍ତା ଙ୍କ ସହ ଆଲୋଚନା କରି ଦୃଢ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପୋଲିସ ନିଷ୍କ୍ରିୟ ରହିବାରୁ ୩ ଦଫା ଦାବୀରେ ଏହି କଲାମ ଛାଡ ଆନ୍ଦୋଳନ ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଉନ୍ନୟନ ମୂଳକ କାର୍ଯ୍ୟରେ ପକ୍ଷପାତିତା ଅଭିଯୋଗ କରି ଗତ ୬ ତାରିଖ ଦିନ ସ୍ଥାନୀୟ ମୁକୁନ୍ଦପୁର ପାଟଣା ପଂଚାୟତର ସରପଂଚ ଏବଂ ତାଙ୍କ ସମର୍ଥକ ମାନେ ବ୍ଲକକୁ ଯାଇଥିବାବେଳେ କନିଷ୍ଠ ଯନ୍ତ୍ରୀ ପ୍ରତାପ ବିହାରୀଙ୍କ ସହ ପାଟିତୁଣ୍ଡ କରି ଅଫିସ ଭିତରେ ମାଡ ମାରିଥିଲେ। ମାଡ ମାରିବା ବେଳେ ବ୍ଲକର ଅନ୍ୟ ୨ଜଣ କନିଷ୍ଠ ଯନ୍ତ୍ରୀ ଭୋଳାନାଥ ମହାନ୍ତି ଏବଂ ପ୍ରସନ୍ନ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହାକୁ ନେଇ ଘଟଗାଁ ଥାନାରେ କନିଷ୍ଠ ଯନ୍ତ୍ରୀ ପ୍ରତାପ ବିହାରୀ ଘଟଗାଁ ଥାନାରେ ଏତଲା ଦେଇଥିଲେ। ତେବେ ପୋଲିସ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରି ନଥିବାରୁ ସେମାନେ ଆନ୍ଦୋଳନ କୁ ଓହ୍ଲାଇଥିଲେ। ଗୁରୁବାର ଦିନ ଓଡିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ର ବୈତରଣୀ ଜୋନର ମହାମଣ୍ଡଳ ସମ୍ପାଦକ ଇଂ ସୁବଳ କୁମାର ପଣ୍ଡା,ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଇଂ ସନ୍ତୋଷ କୁମାର ନନ୍ଦ,ବୈତରଣୀ ଡିଭିଜନାଲ କମିଟିର ସଭାପତି ଇଂ ଅରୁଣ କୁମାର ସେଠୀ,ସମ୍ପାଦକ ପିତାମ୍ବର ଜେନା,କରଂଜିଆ ଡିଭିଜନାଲ କମିଟିର ସମ୍ପାଦକ ମନୋଜ କୁମାର ପଣ୍ଡା ଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇ ଘଟଗାଁ ବିଡିଓ ନାରାୟଣ ସାହୁ ଙ୍କ ଆଲୋଚନା କରି ତୁରନ୍ତ କାର୍ଯ୍ୟନୁଷ୍ଠାନ ନେବାକୁ ଦାବୀ କରିଥିଲେ। ଘଟଗାଁ ଘଟିବାର ୬ ଦିନ ପରେ ମଧ୍ୟ ପୋଲିସ ତଦନ୍ତରେ ନିଷ୍କ୍ରିୟତା ନେଇ ଅସନ୍ତୋଷ ଦେଖାଦେଇଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି।

ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷପ୍ଷ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ଷ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ୍)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ଷ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ଷ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଶ୍ରୀ ଶ୍ରୀ ରାଧାରମଣଜୀଉ ବଣିକ ସଂଘ ଡେଲି ମାର୍କେଟ୍, ରାସପଡିଆ, କେନ୍ଦୁଝର ୨୦୨୩-୨୦୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ

କେନ୍ଦୁଝର,(ପି.ଏନ):କେନ୍ଦୁଝର ତା-୧୨.୦୧.୨୦୨୩ରିଖ ଗୁରୁବାର ସନ୍ଧ୍ୟାରେ ଶ୍ରୀ ଶ୍ରୀ ରାଧାରମଣଜୀଉ ବଣିସ ସଂଘ, ଡେଲି ମାର୍କେଟ୍, ରାସପଡିଆ କେନ୍ଦୁଝରର ୨୦୨୩-୨୫ ବର୍ଷ ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । ଏଥିରେ ସଭାପତି ପଦବୀ ପାଇଁ ଦୁର୍ଯ୍ୟୋଧନ ମହାନ୍ତି, ଉପସଭାପତି ମୁକ୍ତାର ଅହମ୍ମଦ ରାଇନ, ସମ୍ପାଦକ ମନୋରନ ସାହୁ, ସହ ସମ୍ପାଦକ ସମୀସ୍ ଅହମ୍ମଦ, ମୁକେଶ ମହାପାତ୍ର, ବାପୁନ୍ ପଣ୍ଡା, ସୀବ ସାହୁ, ମନୋଜ ମହାନ୍ତି, ଜଗବନ୍ଧୁ ପାତ୍ର, ରାଜେଶ ସାହୁ, ଅତିନ୍ଦ୍ର ବର୍ମା ପ୍ରମୁଖ ମନୋନୀତ ହୋଇଛନ୍ତି ।

# ମା'ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପଣ୍ଡାପଡା,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ସୁନାଟାଙ୍ଗିରୀ ପଞ୍ଚାୟତ ସୁନାଟାଙ୍ଗିରୀ ଗ୍ରାମରେ ଚାଲିଥିବା ମା'ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ପ୍ରଥମେ ନରଣପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ ଓ୍ୱିକେଟ ବିନିମୟରେ ୯୧ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ନୁଦୁରୁପଡା ଦଳ ୩ ଓ୍ୱିକେଟ୍ ହରାଇ ୯୨ରନ୍ କରି ଚମ୍ପିୟାନ ହୋଇଥିଲା । ଚମ୍ପିୟାନ ନୁଦୁରୁପଡା ଦଳକୁ ୧୦ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ଏବଂ ରନର୍ସଅପ୍ ନରଣପୁର ଦଳକୁ ୬ ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଟେଲିଭିଜନ ଜଗତର ଅଭିନେତ୍ରୀ ଜିନା, ୭ନଂ ଜୋନ୍ ଜିଲ୍ଲାପରିଷଦ ଯାଜ୍ଞସେନୀ ମହାନ୍ତ, ଘଟଗାଁ ବ୍ଲକ ଭାଇସ୍ ଚେୟାରମ୍ୟାନ୍ ଯଦୁମଣି ନାଏକ, ସୁନାଟାଙ୍ଗିରୀ ପଂଚାୟତର ସଭ୍ୟ ଗିରିଧାରୀ ମହାନ୍ତ, ସରପଂଚ ଦେବେନ୍ଦ୍ର ନାଏକ, ଜିଆରଏସ୍ ତାପସ ମହାନ୍ତ, ନାଏବ ସରପଂଚ ସୁନନ୍ଦା ପଧୁରିଆ, ବଳଭଦ୍ରପୁର ପୂର୍ବତନ ସଭ୍ୟ ପବିତ୍ର ପରିଡା, ମାଗୁଣୀ ନାଏକ, ପୁରୁଷୋତ୍ତମ ମହାନ୍ତ, ହିମାଂଶୁ ଶେଖର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ସିପୁନ୍ ମହାନ୍ତ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଇଫକୋ ପକ୍ଷରୁ ଗୁଡି ଉଡା ଉତ୍ସବ ପାଳନ

ପାରାଦୀପ,(ପି.ଏନ): କୃଷକ ଓ ସାଧାରଣ ଓଡିଶାବାସୀଙ୍କ ମହାନପର୍ବ ମକର ସଂକ୍ରାନ୍ତି ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷିରେ ଶନିବାର ଦିନ ଇଫକୋସ୍ଥିତ ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ ପାଳନ କରାଯିବା ସହ ମିନି ଷ୍ଟାଡିୟମ ଠାରେ ଏକ ଗୁଡି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଇଫକୋ ଟାଉନସିପ୍‌ର ଅନ୍ତେବାସୀମାନେ ବହୁ ସଂଖ୍ୟାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପ୍ରାୟ ୪ଶହ ଉର୍ଦ୍ଧ ରଙ୍ଗବେରଙ୍ଗର ଗୁଡି ଉଡାଇ ଆନନ୍ଦ ଉପଭୋଗ କରିଥିଲେ ପ୍ରତିଯୋଗୀ । ଏହି ଉତ୍ସବକୁ ଇଫକୋ ନିର୍ଦ୍ଦେଶକ କେ.ଜେ. ପଟେଲ ଏବଂ ଜ୍ୟୋତି ଲେଡିଜ କ୍ଲବର ସଭାନେତ୍ରୀ ଶ୍ରୀମତୀ ମମତାବେନ୍ ପଟେଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫକୋ ଜିଏମ ଏସ.ଡି.ଶର୍ମା, ନାନୋ ୟୁରିଆ ଜିଏମ ପି.ଏସ. ନିଲାବ୍ରମ୍, ଜେଜିଏମ କେ. ମୋହନ ରାଓ, ଇଫକୋ ଅଫସର୍ସ ଆସୋସିଏସନ ସଭାପତି ଦେବାଶିଷ ମହାନ୍ତି ଓ ସାଧାରଣ ସଂପାଦକ ଶୁଭଶିଷ ମିଶ୍ର, କମ;ଚାରୀ ସଂଘ ସଭାପତି ତୁଷାର ରଂଜନ ସାମନ୍ତରାୟ, ଓ ସାଧାରଣ ସଂପାଦକ ରାକେଶ କୁମାର ଓଝା, ଏଚଆର ମ୍ୟାନେଜର ବି.କେ. ପରିଡା ଏବଂ ଡେପୁଟି ମ୍ୟାନେଜର(ପ୍ରଶାସନ) ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ନେଇ ଇଫକୋ ଲୋକ ସଂପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏକ ଐତିହାସିକ ନିଷ୍ପତି : ସଂପଦ



ପାରାଦୀପ,(ପି.ଏନ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୮୦ କୋଟି ଲୋକଙ୍କୁ ଏଣିକି ସଂପୁର୍ଣ୍ଣ ମାଗଣାରେ ଚାଉଳ ଓ ଗହମ ଯୋଗାଇ ଦେବାକୁ ଐତିହାସିକ ନିଷ୍ପତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଓଡିଶାର ୩ କୋଟି ୨୫ ଲକ୍ଷ ଲୋକ ଉପକୃତ ହେବା ସହ ମାସିକ ମୁଣ୍ଡ ପିଛା ୫ କେଜି ଚାଉଳ ମାଗଣାରେ ପାଇବେ । ଏବାବଦରେ ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ । ମୋଦି ସରକାରଙ୍କ ଏଭଳି ନିଷ୍ପତି ଫଳରେ ରାଜ୍ୟ ସରକାର ମାନେ ଆର୍ଥିକ ଚାପ ମୁକ୍ତ ହୋଇ ପାରିବେ । ସମଗ୍ର ଦେଶବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ 'ଓ୍ୱାନ ନେସନ୍ ଓ୍ୱାନ ରାସନ୍' ଯୋଜନାକୁ ଏହା ଆଗେଇ ନେବ । ତେବେ ଓଡିଶା ରାଜ୍ୟର ଦରିଦ୍ର ଲୋକମାନେ ଏବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଲାଭ ପଇବେ ବୋଲି ବିଜେପି ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ତଥା ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜେପି ନେତା ସଂପଦ ସ୍ୱାଇଁ ପ୍ରକାଶ କରିଛନ୍ତି । ଏବେ ମୋଦୀ ସରକାର ଘୋଷଣା ଅନୁଯାଇ ଏବାବଦରେ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରିବେ । ଏ ଘୋଷଣା ପରେ ରାସନ କଳା ବଜାରି, ଭୁତ ହିତାଧିକାରୀ ଭଳି ଦୁର୍ନିତିକୁ ରୋକାଯାଇ ପାରିବ ବୋଲି ବିଜେପି ନେତା ଶ୍ରୀ ସ୍ୱାଇଁ ମତ ଦେଇଛନ୍ତି ।

## ରହସ୍ୟ ଘେରରେ ସମାଜସେବୀ ନୈନାଙ୍କ ମୃତ୍ୟୁ ଘଟଣା, ଉପଯୁକ୍ତ ତଦନ୍ତ ସହ ନ୍ୟାୟ ପ୍ରଦାନ କରିବାକୁ ଦାବୀ କଲେ ନୈନାଙ୍କ ମା' ଦେବକୀ ସାହୁ

କେନ୍ଦୁଝର,(ପି.ଏନ):ସମାଜସେବୀ ରୋଜାଲିନ ସାହୁ (ନୈନା) ଙ୍କ ଦୂର୍ଘଟଣାରେ ମୃତ୍ୟୁ ଘଟଣା ପରେ ଆଜି ପରିବାର ପକ୍ଷରୁ ପୋଲିସ କୁ ଭେଟି ପୁଣି ଏକ ଏତଲା ଦେଇଛନ୍ତି । ଆଜି ନୈନାଙ୍କ ମା' ଦେବକୀ ସାହୁ ଘଟଗାଁ ଥାନାରେ ଆଉ ଏକ ଏତଲା ଦେବା ପରେ ଘଟଣା ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି । ଅଭିଯୋଗ ଅନୁଯାୟୀ ଡିସେମ୍ବର ୧୧ ତାରିଖ ଦିନ ନୈନାଙ୍କୁ ହାଟହିହି ଠାରେ ହେବାକୁ ଥିବା ସମାଜସେବୀ ମହାସଂଘ ବୈଠକ କୁ ଏକ ସ୍କର୍ପିଓ ରେ ନେଇ ଯିବା ପାଇଁ ଘର ଲୋକଙ୍କୁ କହି ବିଜେପି ନେତା ପ୍ରକାଶ ମଲ୍ଲିକ ତାଙ୍କୁ ଘରୁ ନେଇଯାଇଥିଲେ । ବାଇକ ଦୂର୍ଘଟଣାକୁ ବିଶ୍ୱାସ କରି ପାରୁନାହାଁନ୍ତି ତାଙ୍କ ମା' ଦେବକୀ ସାହୁ । ସେହିପରି ଘଟଗାଁ ବାଇପାସରେ ଦୂର୍ଘଟଣା ଅପରାହ୍ନ ପ୍ରାୟ ୨ଟା ବେଳେ ଘଟିଥିବାବେଳେ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ଆଣି ସନ୍ଧ୍ୟାରେ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ନିଆଯାଇଥିଲା । ସନ୍ଧ୍ୟା ୬ଟା ୩୦ ରେ ତାଙ୍କୁ ଫୋନରେ ସୂଚନା ଦିଆଯାଇଥିଲା ଯାହକୁ ନେଇ ସେ ସନ୍ଦେହ କରିଛନ୍ତି । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର କଟକ ବଡ ଡାକ୍ତରଖାନରେ ଡିସେମ୍ବର ୨୮ ତାରିଖରେ ମୃତ୍ୟୁ ହୋଇଥିଲା । ପରିବାର ଲୋକ ମାନସିକ ଚାପରେ ଥିବାବେଳେ ତାଙ୍କୁ ଯାହା କୁହାଯାଇଥିଲା ସେହି ଅନୁସାରେ ଘଟଗାଁ ଥାନାରେ ଏତଲା ଦେଇଥିଲେ ବୋଲି କହିଛନ୍ତି ଦେବକୀ ସାହୁ । ଏବେ ଘଟଣାର ରହସ୍ୟ ଜାଣିବା ପରେ ପୁଣି ଥରେ ଏତଲା ଦେଇଥିବା ଦେବକୀ ସାହୁ କହିଛନ୍ତି । ସେହିପରି ଘଟଣାସ୍ଥଳକୁ ପୋଲିସ ଉପସ୍ଥିତିରେ ଯାଇଥିଲେ ହେଁ ଦୂର୍ଘଟଣା ଘଟିଥିବା ସ୍ଥାନ ନିକଟରେ ଥିବା ଦୋକାନୀଙ୍କୁ ପଚାରିଥିଲେ । ତେବେ ଉକ୍ତ ଦିନ ସେଠାରେ କୌଣସି ବାଇକ ଦୂର୍ଘଟଣା ଘଟିନଥିବା ସେମାନେ କହିଥିଲେ । ଅନ୍ୟ ପକ୍ଷରେ ପୋଲିସ ଜବତ୍ କରିଥିବା ବାଇକର ମଧ୍ୟ କୌଣସି କ୍ଷୟକ୍ଷତି ହୋଇନାହିଁ । ତେବେ ଘଟଗାଁ ଥାନା ଠାରୁ କିଛି ମିଲୋମିଟର ଦୂର ଘଟଗାଁ ବାଇପାସ ରେ ଏଭଳି ଦୂର୍ଘଟଣା ଘଟିଥିଲେ ହେଁ ପୋଲିସ କିପରି ଦୀର୍ଘଦିନ ପରେ ମଧ୍ୟ ତଦନ୍ତ କରିବାକୁ ଯାଇନାହିଁ ଏବଂ ସାକ୍ଷୀ ଯୋଗାଡ କରିନାହିଁ ତାହାକୁ ନେଇ ପୋଲିସ ର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୋଲିସ ଦୂର୍ଘଟଣା ଘଟିବାର ପ୍ରାୟ ୧୫ ଦିନ ପରେ ଗତ ୨ ତାରିଖରେ କେସ ନଂ ୧/ ୨୦୨୩ରେ ଏକ ଦୂର୍ଘଟଣା ମାମଲା ରୁଜୁ କରିଛି । ପୋଲିସ ଏବେ ତରବରିଆ ଭାବରେ ପ୍ରମାଣ ଯୋଗାଡ କରିବାରେ ଲାଗିଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ସାମାଜିକ କର୍ମୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି ।

## ମା'ତାରିଣୀ ଟିପର ଆଣ୍ଡ ଟ୍ରକ୍ ଓନର ସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ବ୍ରାହ୍ମଣୀପାଳ ହାଟ ପଡିଆ ଠାରେ ମା'ତାରିଣୀ ଟିପର ଆଣ୍ଡ ଟ୍ରକ୍ ଓନର ସଂଘର ସାଧାରଣ ବୈଠକ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ସଂଘର ଉପଦେଷ୍ଟା ସଭ୍ୟ ବିନୋଦ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସଭାପତି ଆଲୋକ ପାତ୍ର, ସମ୍ପାଦକ ପ୍ରଦୀପ ମହାନ୍ତି, ଉପସଭାପତି ପଙ୍କଜ ଚକ୍ର, କୋଷାଧ୍ୟକ୍ଷ ଅଶୋକ ନାୟକ, ସଂଘର ଅନ୍ୟ ସଦସ୍ୟ ବାପୁଜୀ ମାଝୀ, ଡିମ୍ପ ମହାନ୍ତି, ସୁରେଶ ମହାନ୍ତ, ପବିତ୍ର ପଲେଇଙ୍କ ସହ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଗାଡି ମାଲିକ ଯୋଗ ଦେଇଥିଲେ ।



ଦ ବି ଆଇ ପି ଏଫ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନି ଦିବସରେ ଏକଲବ୍ୟ ପୁରସ୍କୃତ ବିଜେତା ଋତୁପର୍ଣ୍ଣା ପଣ୍ଡା ଓ ବିଶ୍ୱସ୍ତରୀୟ ବ୍ୟାଟମିଟନ ଖେଳାଳି ଶ୍ୱେତାପର୍ଣ୍ଣା ପଣ୍ଡା

# ଗ୍ରାମାଞ୍ଚଳ କ୍ରୀଡାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସରଦାପଙ୍କୁ ହରାଇ ପିଢପୋଖରୀ ଦଳ ବିଜେତା

ଯୋଡା,(ପି.ଏନ):ଗ୍ରାମାଞ୍ଚଳ କ୍ରୀଡାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଓଡିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ୫ମ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଦୁବୁନା ଖେଳପଡିଆରେ ଆୟୋଜିତ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଦୁବୁନା-ସେକ୍ରାଡିହି ଖଣି ପାରିପାର୍ଶ୍ୱିକ ଗ୍ରାମର ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଏଥିରେ ସମସ୍ତ ଲିଗ୍ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ପୀଢପୋଖରୀ ଦଳ ଓ ସରଦାପଙ୍କ ଦଳ ଫାଇନାଲକୁ ଖେଳିବା ନିମନ୍ତେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି ମୁଖ୍ୟଅତିଥି ଓ ଓଡିଶା ଖଣି ନିଗମ ବଡବିଲ ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଡିଡିଏମ୍ ଜ୍ଞାନ ପ୍ରକାଶ ମହାପାତ୍ର, ବସନ୍ତପୁର ପଂଚାୟତ ସରପଂଚ ଗୁରୁବା ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବଡବିଲ ଆଂଚଳିକ କାର୍ଯ୍ୟାଳୟର ସିଏସ୍‌ଆର ପରାମର୍ଶଦାତା ନୂତନ ରାଉତ ଯୋଗ ଦେଇ ଏହି ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଉପସ୍ଥିତ ଅତିଥିଙ୍କ ଦ୍ୱାରା ବିଜେତା ଦଳ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୪ ଜଣ ରାଜ୍ୟସ୍ତରୀୟ ରେଫରୀ ଯୋଗ ଦେଇଥିଲେ । ଦୁଇଦିନ ଧରି ଆୟୋଜିତ ହୋଇଥି ଏହି ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ଲୋକେ ଭରପୁର ଉପଭୋଗ କରିଥିବା ବେଳେ ପାରିପାର୍ଶ୍ୱିକ ଗ୍ରାମରେ ରହୁଥିବା ଯୁବକ ମାନଙ୍କ ମଧ୍ୟରେ ଗ୍ରାମୀଣ କ୍ରୀଡାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡିଶା ଖଣି ନିଗମର ଏହି ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ଶିବ ପ୍ରସାଦ ପାଣିଗ୍ରାହୀ, ବିଶ୍ୱାବସୁ କିସାନ ମଞ୍ଚ ପରିଚାଳନା କରିଥିଲେ ।

# ଭାରତ ଯୋଡ଼ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଆଜି ତଲସରା ନିର୍ବାଚନ ମଣ୍ଡଳୀ ଇକମାରେ ପଂହଚିଲା



ଭୁବନେଶ୍ୱର ,(ପି.ଏନ): ଗତ ଜାନୁୟାରୀ ୯ ତାରିଖରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରା ଆଜି ସୁନ୍ଦରଗଡ଼ ଜିଲ୍ଲା ତଲସରା ନିର୍ବାଚନ ମଣ୍ଡଳୀର ଖୁଟମୁଣ୍ଡାରୁ ଆରମ୍ଭ ହୋଇ ବଡ଼ଗାଁରେ ପ୍ରଥମ ପର୍ଯ୍ୟାୟରେ ପଂହଚିଲା । ଆପରାହ୍ନରେ ପଦଯାତ୍ରା ବଡ଼ଗାଁରୁ ବାହାରି ଦୀର୍ଘ ୨୩ କି.ମି. ଅତିକ୍ରମ କରି ଇକ୍‌ମା ଠାରେ ପଂହଚିଲା । ଏହି ପଦଯାତ୍ରା ସମୟରେ ବଡ଼ଗାଁ ଠାରେ ୧୦୪ ବର୍ଷର ବୃଦ୍ଧ ଗୋକୁଳାନନ୍ଦ ନାୟକ ଯିଏକି ପୂର୍ବତନ ଯୁବ କଂଗ୍ରେସ ସଭାପତିଥିଲେ, ଆଜି ସେ ପଦଯାତ୍ରାରେ ସାମିଲ ହୋଇଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଶ୍ରୀଯୁକ୍ତ ଗୋକୁଳାନନ୍ଦ ନାୟକଙ୍କୁ ପୁଷ୍ପମାଲ୍ୟ ଏବଂ ଉତରୀୟ ପ୍ରଦାନକରି ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ସମୟରେ ଶ୍ରୀଯୁକ୍ତ ପଟ୍ଟନାୟକ ବଡ଼ଗାଁ ଠାରେ ଭାରତ ଯୋଡ଼ ଯାତ୍ରା ସମୟରେ କଂଗ୍ରେସ ସାଂସଦ ଶ୍ରୀଯୁକ୍ତ ସଂତୋକ ସିଂ ଚୌଧୁରୀଙ୍କ ଆକସ୍ମିକ ନିଧନ ଯୋଗୁଁ ଏକ ଶୋକସଭା ହୋଇଥିଲା । ସମସ୍ତ ନେତୃବର୍ଗ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ । ଏହାପରେ ସେଠାରେ ଏକ ସାଧାରଣ ସଭାରେ ତଲସରା ନିର୍ବାଚନ ମଣ୍ଡଳୀର ଜନସାଧାରଣ, କୃଷକ, ଶ୍ରମିକ, ଯୁବକ, ମହିଳା ଓ ବୁଦ୍ଧୀଜୀବିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଦୀର୍ଘ ୨୨ ବର୍ଷର ସରକାର ଓଡ଼ିଶାର ବିକାଶ କରିବା ପରିବର୍ତେ କିଛି ନିର୍ଦ୍ଦିଷ୍ଟ ବାବୁ ମାନଙ୍କର ବିକାଶରେ ଲାଗିପଡ଼ିଛି । ଏ ଅଂଚଳର ଅଧିବାସୀ ଖଣି, ଖାଦାନ ଓ ଶିଳ୍ପରୁ ନିର୍ଗତ ହେଉଥିବା ଧୂଆଁ, ଧୂଳି ଖାଇ ବଂଚିବା ହେଉଛି ଏମାନଙ୍କ ପାଇଁ ସାର । ଶିଳ୍ପ ପାଇଁ ଯେଉଁମାନେ ଜମି ହରାଇଛନ୍ତି ଏବଂ ଏ ଅଂଚଳରେ ଲୋକମାନେ ସେହି ସବୁ କଳକାରଖାନାରେ ୭୦ଭାଗ ନିଯୁକ୍ତି ପାଇବା କଥା କିନ୍ତୁ ୭୦ଭାଗ ତ ଦୁରେ ଥାଉ ୩୦ ଭାଗ ଲୋକ ମଧ ନିଯୁକ୍ତି ପାଉନାହାଁନ୍ତି । ଜିଲ୍ଲା ଖଣିଜ ସଂପଦ ପାଣ୍ଠି ଏ ଖଣି ଅଂଚଳର ଜନସାଧାରଣଙ୍କୁ ସ୍ୱଚ୍ଛ ପିଇବାପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ତାଲିମ ଇତ୍ୟାଦି ପ୍ରଦାନ କରିବାପାଇଁ ଖର୍ଚ୍ଚ ହେବା କଥା କିଁନ୍ତୁ ଏ ପଇସାକୁ ଅନ୍ୟ ଅର୍ଥରେ ଖର୍ଚ୍ଚ କରାଯାଉଛି । ନିଜର ଏବଂ ନିଜ ବାପାଙ୍କର କେବଳ ପ୍ରଚାର ଓ ପ୍ରସାର କରିବା ଛଡ଼ା ଅନ୍ୟ କିଛି ହେଉନାହିଁ । ୨୨ ବର୍ଷର ସରକାର ଏ ଅଂଚଳର ସାମାନ୍ୟ ପାଣି ଟିକିଏ ପିଇବା ପାଇଁ ଯୋଗାଇ ଦେଉନାହାନ୍ତି । ତାହାହେଲେ ବିକାଶ କେଉଁଠି ଓ କେବେ ହେଉଛି । ଏ ଅଂଚଳର ଜନସାଧାରଣ ଓଡ଼ିଶାବାସୀକି ନୁହେଁ ଏ କଥାର ଉତର କିଏ ଦେବ । କଂଗ୍ରେସ ସରକାର ଆସିଲେ ରାଜ୍ୟର ଯୁବକ ମାନଙ୍କ ସ୍ୱାର୍ଥ ସହିତ ସାଲିସ କରାଯିବ ନାହିଁ । ଖଣି ଅଂଚଳର ପଇସା କେବଳ ସେହି ଅଂଚଳର ବିକାଶ ପାଇଁ ଖର୍ଚ୍ଚ କରାଯିବ । କୃଷକ ମାନଙ୍କ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ସହିତ ପ୍ରୋତ୍ସାହନ ରାଶି ଦିଆଯିବ । ପ୍ରତ୍ୟେକ ଜିଲ୍ଲାରେ କୃଷିଭିର୍ତିକ ଶିଳ୍ପ କରାଯିବ ଏବଂ ଏହାକୁ ବଜାର ସହିତ ଯୋଡ଼ା ଯିବ । ପ୍ରତ୍ୟେକ ଜିଲ୍ଲା ଏବଂ ବ୍ଲକରେ ଶୀତଳଭଣ୍ଡାର ଏବଂ ଗୋଦାମଘର ମାନ ପ୍ରତିଷ୍ଠା କରାଯିବ । ବିଜୁଳି ଦର ଉପରେ ଅଂକୁଶ ଲଗାଯିବ । ମହିଳାମାନଙ୍କ ନିରାପତା ଓ ରୋଜଗାର କଂଗ୍ରେସ ଦଳର ପ୍ରାଥମିକତା ହେବ । ଆଜି ପବିତ୍ର ମକରସଂକ୍ରାଁନ୍ତି । ଓଡ଼ିଶାର ଗଣପର୍ବ । ସୂର୍ଯ୍ୟଙ୍କର ଉତରାୟଣ ଗତି । ଏଭଳି ଏକ ଦୁଲର୍ଭ ସମୟରେ ଓଡ଼ିଶାବାସୀଙ୍କୁ ବିନ୍ରମତା ସହିତ ଅନୁରୋଧ କରୁଛି ଆପଣ କଂଗ୍ରେସକୁ ଆଶୀର୍ବାଦ କରନ୍ତୁ । କଂଗ୍ରେସ ସରକାର ଗଢ଼ିଲେ ଓଡ଼ିଶାର ପ୍ରଗତି ଅନିବାର୍ଯ୍ୟ । ଏହି ପଦଯାତ୍ରାର ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ବିଧାୟକ ସିଏସ ରାଜନ ଏକା, ସନ୍ତୋଷ ସିଂ ସାଲୁଜା, ମାନସ ମଲ୍ଲିକ, ମନୋଜ ସାହୁ, ବିଦୁଭୂଷଣ ତ୍ରିପାଠୀ, ବିରେନ ସେନାପତି, ରବି ରାୟ, ରାଜକିଶୋର ଷଡ଼ଙ୍ଗୀ, ବାଙ୍କନିଧି ବେହେରା, ଶୁଭେନ୍ଦୁ ନାୟକ, ଚିଂମଣି ସାହୁ, ସଂଜୟ ତ୍ରିପାଠୀ, ଦୀପକ କୁମାର ମହାପାତ୍ର, ସରୋଜିନୀ ଲାକ୍ରା, ଅହଲ୍ୟା ଲାକ୍ରା,ଅମିତା ବିଶ୍ୱାଳ, କୈଳାସ ସାହୁ, ମନୁ ସରଫା, ଆଲବେଟ କିଲୋ ଏବଂ ବହୁ କଂଗ୍ରେସ ନେତୃବର୍ଗ, କୃଷକ ନେତା, ଶ୍ରମିକ ନେତା ଯୋଗଦେଇଥିଲେ ବୋଲି ପିସିସି ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray